ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 120 | Brahmapur | Saturday 13 June 2026 | ବର୍ଷ: ୪୫/ ଅଙ୍କ: ୧୨୦ | ଶନିବାର ୧୩ ଜୁନ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ୮.୫.୦୦

ଓଡ଼ିଶାରେ ବିଜେପି ସରକାରର ଦୁଇ ବର୍ଷ

୧୨୧ଟି ନୂଆ ଯୋଜନା ସହ ସଫଳତାର ନୂଆ କୀର୍ତ୍ତିମାନ

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜନା ଆରମ୍ଭ
କେଜିରୁ ପିଜି ପର୍ଯ୍ୟନ୍ତ ଦେୟମୁକ୍ତ ଶିକ୍ଷା
ସବୁ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟ
ଅଭିଯୁକ୍ତଙ୍କୁ ଦମନ ନୀତି ଆପଣାଯାଇଛି

ଭୁବନେଶ୍ୱର, ୧୨।୬: ଭାରତୀୟ ଜନତା ପାର୍ଟି ନେତୃତ୍ୱରେ ବିଜେପି ସରକାର ଓଡ଼ିଶାରେ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଆମ ସରକାରରେ ୧୨୧ଟି ନୂଆ ଯୋଜନା ଲାଗୁ ହୋଇଛି। ଏବେ ଆପଣ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରି ପାରୁଛନ୍ତି। କିନ୍ତୁ ଗଲା ୨୪ ବର୍ଷରେ କଥାକଥିତ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବାର ସୁଯୋଗ ନଥିଲା। ପ୍ରତ୍ୟେକ ଗାଁରେ ପାଣି, ରାସ୍ତା, ବିଦ୍ୟୁତ୍ ସ୍ୱାଧୀନତା ପରେ ବି ମୌଳିକ ସୁବିଧା ନଥିଲା। ମିସନ ପାୱାରରେ ମିସନ ମୋଡ଼ରେ ଆମ ସରକାର ଏଗୁଡ଼ିକୁ ପୂରଣ କରୁଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୪ ବର୍ଷ ଧରି ଗଲା ସରକାର କରିନଥିଲେ। କିଏ ତାଙ୍କ ହାତ ବାନ୍ଧି ଥିଲା ଆମ ସରକାରଙ୍କ ପ୍ରଥମ କ୍ୟାବିନେଟରେ ମହିଳାଙ୍କ ପାଇଁ ପ୍ରଥମ ଯୋଜନା ସୁଭଦ୍ରା ଥିଲା। ଏହି ଦୁଇ ବର୍ଷରେ ୨୦ହଜାର ୬୦୦ଶହ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ୧୩ଶହ କନ୍ୟାଙ୍କୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୂହିକ ବିବାହ କରାଯାଇଛି। ୨୩ଲକ୍ଷ ୫୦ହଜାର ଲକ୍ଷପତି ଦିଦି ସୃଷ୍ଟି କରି ଦେଶରେ ରେକଡ କରିଛୁ। ଗତ ୭ତାରିଖ ସୁଦ୍ଧା ୧୮ଲକ୍ଷ ୮୩ହଜାର ଚାଷୀଙ୍କ ଠାରୁ ୭୭ଲକ୍ଷ ମେଟ୍ରିକ ଟନ୍ ଧାନ କିଣା ଯାଇଛି। କୃଷକ ସମୃଦ୍ଧି ଯୋଜନା ଆସିଛି।

ଆଜିଠାରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରାଜ୍ୟ ସରକାର ଆରମ୍ଭ କରିବାକୁ ଯାଉଛନ୍ତି। ଏବେ ଲୋକମାନେ ରାସନ୍ କାର୍ଡ ଦ୍ୱାରା ମୁଣ୍ଡ ପିଛା ୧୦କିଲୋ ଚାଉଳ ପାଇବେ। ୮ହଜାର ୮୧୩କୋଟି ସରକାର ଖର୍ଚ୍ଚ ହେବ। କେବଳ ସ୍କୁଲରେ ପୂର୍ବ ସରକାର ରଙ୍ଗ ମାରିଥିଲେ। କିନ୍ତୁ ୨୪ବର୍ଷ ଭିତରେ ତାଙ୍କର ମନ ପଡୁନଥିଲା। ରାଜନୈତିକ ଉଦ୍ଦେଶ୍ୟ ରଖି ଜାତୀୟ ଶିକ୍ଷା ନୀତି ଲାଗୁ କରିନଥିଲେ। ଆମ ସରକାର ଆସିବା ପରେ ଏହାକୁ ଲାଗୁ କରିଛନ୍ତି। ଆମ ସରକାର ୩୨୨ ଗୋଦାବରୀଶ ମିଶ୍ର ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଦୁଇ ବର୍ଷରେ ୨୬ହଜାରରୁ ଅଧିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଗତ ସରକାର ସରକାରୀ ନିଯୁକ୍ତିରେ ପ୍ରତିବନ୍ଧକ ସାଜିଥିଲା। ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଖୋଲିଛନ୍ତି। କେଜିରୁ ପିଜି ଯାଏଁ ସମ୍ପୂର୍ଣ୍ଣ ଦେୟମୁକ୍ତ ପାଠ ପଢ଼ିବେ ପିଲା ମୁଁ ଘୋଷଣା କରୁଛି। ପରିବାର ଲୋକ ଅର୍ଥକରେ ଆଉ ସମସ୍ୟାରେ ପଡ଼ିବେ ନାହିଁ।

ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଭରପୂର ରହିଛି। ଏହାକୁ ଠିକ୍ ଭାବରେ ପରିଚାଳନା କରାଯିବ। ୨୦ଲକ୍ଷ କୋଟି ନିବେଶ ପାଇଛୁ। ୧୭କୋଟି ଲକ୍ଷ କାର୍ଯ୍ୟକାରୀ ହୋଇଛି। ବିଭିନ୍ନ ଦେଶ ଓ ରାଜ୍ୟରେ ରୋଡ ସୋ' ସରକାର କରି ଏ ସଫଳତା ହାସଲ କରିଛନ୍ତି। ରାଜ୍ୟର ସବୁ ଜିଲ୍ଲାରେ ହେବ ଶିଳ୍ପ। ଏହା ଆମର ସଂକଳ୍ପ ରହିଛି।

ରାଜ୍ୟର ଆଇନ ଶୃଙ୍ଖଳାକୁ ନେଇ ଅନେକ ପ୍ରଶ୍ନ। ରାଜନୈତିକ ରୂପ ଆଇନ ଶୃଙ୍ଖଳା ଧାରଣ କରିଛି। କେଉଁ କେଶରେ ଅଭିଯୁକ୍ତ ଗିରଫ କରାଯାଇ ନାହିଁ କୁହନ୍ତୁ। ସମସ୍ତେ ଗିରଫ ହୋଇଛନ୍ତି ଦଣ୍ଡ ପାଉଛନ୍ତି। ଯଦି ବିରୋଧୀ କିଛି ଘଟଣାରେ ମତ ଦେବାକୁ ଚାହୁଁଛନ୍ତି ମୋତେ କୁହନ୍ତୁ। ମହିଳା ବିରୋଧୀ ଅପରାଧ କ୍ଷେତ୍ରରେ ଆମ ସରକାର ସଂକଳ୍ପ ବଧ ଦଣ୍ଡ ଦେବା କ୍ଷେତ୍ରରେ। ଅଭିଯୁକ୍ତଙ୍କୁ ଦଣ୍ଡିତ କରିବା ଆମର ଦାୟିତ୍ୱ। ବିରୋଧୀ ଦଳ ନେତା କୁହନ୍ତୁ ଅପରାଧୀଙ୍କୁ କରିବୁନି ଦଣ୍ଡିତ ତ କାହାକୁ କରିବୁ। ୭୭ ଏକରରେ ସାଇନ୍ସ ସିଟି ଭୁବନେଶ୍ୱରରେ କରିବାକୁ ଯାଉଛନ୍ତି ସରକାର। ତିନୋଟି ସେମିକଣ୍ଡକଟର କରାଯାଇଛି। ୧ହଜାର ୭୫ଟି ରାଜସ୍ୱ ଗ୍ରାମ କରାଯାଇଛି।

୨୮ହଜାର ୫୭୧ ଜଣଙ୍କୁ ବସୁନ୍ଧରାରେ ଜମି ଦିଆଯାଇଛି। ବ୍ରିକ୍ସ ରାଷ୍ଟ୍ର ସମୂହ ଆମ ସରକାରଙ୍କୁ ପ୍ରଶଂସା ମିଳିଛି। ଗତ ସରକାର ସମୟରେ ରାଜୀବ ଭବନକୁ ଠିକାଦାରଙ୍କ ଆଡା ସ୍ଥଳୀରେ ପରିଣତ କରାଯାଇଥିଲା। ସେଥିରୁ ଆମ ସରକାର ମୁକ୍ତ କରିଛନ୍ତି। ୧୫ହଜାର ହେକ୍ଟର ଜମିକୁ ୪ବର୍ଷରେ ଜଳସେଚନ ହେବ। ଅନୁସୂଚିତ ଜନଜାତି ଉନ୍ନତି ହେବା ଆବଶ୍ୟକ। କାହିଁକିନା ଜନସଂଖ୍ୟାର ୪୦ ପ୍ରତିଶତ ସେହି ସମ୍ପ୍ରଦାୟରୁ ଆସୁଛନ୍ତି।

ଗତ ୧୩ବର୍ଷରେ ଦୁଇରୁ ତିନିଟି ବୈଠକ ହୋଇଥିଲା କିନ୍ତୁ ଆମ ସରକାର ଆସିବା ଦିନଠାରୁ ବୈଠକ କରି ବିସ୍ତାର ରୂପରେଖ ପ୍ରସ୍ତୁତ କରୁଛୁ। ୮୦ବର୍ଷରୁ ଅଧିକ କିମ୍ବା ୮୦ ପ୍ରତିଶତ ଭିନ୍ନ କ୍ଷମ ବ୍ୟକ୍ତିଙ୍କୁ ୩୧ଶହ ଟଙ୍କା ଦେଉଛୁ। ୬ଲକ୍ଷ ହିତାଧିକାରୀଙ୍କୁ ସେଚୁରନ ମୋଡରେ ଭତାରେ ଦେଉଛୁ। ଗଲା ଦୁଇ ମାସରୁ ଅଧିକ ସମୟ ହେବ ଭତା ଦିଆଯାଇ ନଥିବା ସମସ୍ୟା ଆସିଛି କିନ୍ତୁ ଏହା କେନ୍ଦ୍ର ସରକାରଙ୍କର ସମସ୍ୟା। ଟେକ୍ନିକାଲ ସମସ୍ୟା ପାଇଁ ଅର୍ଥ ପ୍ରଦାନ କରାଯାଇ ପାରୁ ନାହିଁ । ଗୋଟେ ମାସର ନୁହେଁ ଏକକାଳୀନ ତାଙ୍କୁ ତିନି ମାସର ଭତା ଦେବେ ସରକାର। ୩୫ଲକ୍ଷ ଯୋଗ୍ୟ ଲୋକଙ୍କୁ ପକ୍କା ଘର ଦିଆଯିବ। ପ୍ରତ୍ୟେକ ବର୍ଷ ୧୦ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ରାଜ୍ୟକୁ ଯୋଗାଇବେ କେନ୍ଦ୍ର।

୪୫୫୧ଜଣ ଶ୍ରୀ ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କୁ ଆସି ଦର୍ଶନ କରିଛନ୍ତି। ଫାଷ୍ଟ ଡେଷ୍ଟିନେସନ କରିବେ ସରକାର। ୨ବର୍ଷରେ କୌଣସି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହୋଇନାହିଁ। ୨୦୨୭ ସୁଦ୍ଧା ସବୁ ଗାଁକୁ ବିଜୁଳି ଯୋଗାଇବେ ସରକାର। ୨୪ବର୍ଷ ଶାସନରେ ଗଲା ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ତାଙ୍କ ଗୁହାରି ଶୁଣାଇ ପାରୁ ନଥିଲେ। ଆମ ସରକାର ଆସିବା ମାତ୍ରେ ଶୁଣାଣି କରୁଛନ୍ତି ଲୋକଙ୍କ ସମସ୍ୟା।

୧୪ହଜାରରୁ ଅଧିକ ଅଭିଯୋଗ ଆସିଛି ତନ୍ ମଧ୍ୟରୁ ୯୫ ପ୍ରତିଶତ ସମାଧାନ କରାଯାଇଛି। ସବୁ ବିଭାଗରେ ପଦ ପଦବୀ ପୂର୍ବ ସରକାର କରିନଥିଲେ ଠିକରେ ନିଯୁକ୍ତି ଦେଇ ଚଳାଉଥିଲେ। ଲୋକସେବା ଭବନ ହେଉ କି ବିଧାନସଭା ଭବନରେ କଟକଣା ଗଣମାଧ୍ୟମ ପାଇଁ ଲଗାଇଥିଲେ ପୂର୍ବ ସରକାର। ୩୧୪ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରାଯିବ। ୪ହଜାର ୧୨୪କୋଟି ଟଙ୍କା ସରକାର ସେଥିପାଇଁ ରଖିଛନ୍ତି। ଆର୍ଥିକ ସୁପରିଚାଳନାରେ ଆମେ ଶୃଙ୍ଖଳା ରକ୍ଷା କରିଛୁ। ଜାତୀୟ ହାରଠାରୁ ଆମର ଅଭିବୃଦ୍ଧି ଅଧିକ ରହିଛି।

ଓଡ଼ିଶା ଛୁଇଁଲା ମୌସୁମୀ ବାୟୁ

ଭୁବନେଶ୍ୱର, ୧୨।୬: ବହୁ ପ୍ରତୀକ୍ଷିତ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଜି ଓଡ଼ିଶା ମାଟିରେ ପ୍ରବେଶ କରିଛି। ପହିଲି ରଜର ଦିନକ ପୂର୍ବରୁ ଓଡ଼ିଶାରେ ମୌସୁମୀ ପ୍ରବେଶ କଲା ପରେ ତାପମାତ୍ରା ଏବଂ ଗରମ ସାମାନ୍ୟ ହ୍ରାସ ପାଇଛି। ରାଜ୍ୟର ଉତ୍ତର ଭାଗକୁ ମୌସୁମୀ ଅଗ୍ରସର ହୋଇଛି।

ସୂଚନାଯୋଗ୍ୟ, ସ୍ୱାଭାବିକ ସମୟର ୩ ଦିନ ବିଳମ୍ବରେ ଚଳିତ ବର୍ଷ କେରଳମ୍ ଛୁଇଁଥିଲା। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକୁ କିନ୍ତୁ ସ୍ୱାଭାବିକ ସମୟରେ ମୌସୁମୀ ଆସିପାରେ ବୋଲି ଅନୁମାନ କରାଯାଇ ଥିଲା। ଅର୍ଥାତ୍ ଜୁନ୍ ୧୦ରୁ ୧୨ ତାରିଖ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଥିଲା। ସାଧାରଣତଃ ଜୁନ୍ ୧ରେ କେରଳମ୍ ଛୁଇଁବା ପରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୧୦ରୁ ୧୨ ତାରିଖ ମଧ୍ୟରେ ଓଡ଼ିଶା ଛୁଇଁଥାଏ। ଯଦିଓ ଓଡ଼ିଶାକୁ ମୌସୁମୀ ଆଗମନ ପାଇଁ ମୌସୁମୀର କେରଳମ୍ ଆଗମନ ଅପେକ୍ଷା ବଙ୍ଗୋପସାଗରୀୟ ପାଣିପାଗ ଅଧିକ ଗୁରୁତ୍ୱପୂର୍ଣ୍ଣ ତଥାପି ଚଳିତ ଥର କେରଳମ୍ ଭଳି ଓଡ଼ିଶାକୁ ମୌସୁମୀର ଆଗମନ ବିଳମ୍ବ ନ ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଥିଲା। ସେପଟେ ଦେଶରେ ମୌସୁମୀ ଅଗ୍ରସର ହେବାରେ ଲାଗିଛି। କର୍ଣ୍ଣାଟକ, ସମ୍ପୂର୍ଣ୍ଣ ଗୋଆ, ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶର କିଛି କିଛି ଅଞ୍ଚଳ, ତାମିଲନାଡୁ ଓ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରର ଅଂଧିକାଂଶ ଅଞ୍ଚଳ, ସମ୍ପୂର୍ଣ୍ଣ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର, ମିଜୋରାମ, ମଣିପୁରର କିଛି କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇଛି। ଜୁନ୍ ୪ ତାରିଖରେ କେରଳମ୍ ଛୁଇଁ ଥିଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ସାଧାରଣତଃ ଜୁନ୍ ୧ ତାରିଖରେ ମୌସୁମୀ ବାୟୁ କେରଳମ୍ ପହଞ୍ଚିଥାଏ। ଚଳିତ ବର୍ଷ ମେ' ୨୬ ତାରିଖରେ ମୌସୁମୀ ବାୟୁ କେରଳମ୍ ଛୁଇଁବ ବୋଲି ଆଇଏମ୍‌ଡି ପକ୍ଷରୁ ପ୍ରଥମେ ଆକଳନ କରାଯାଇଥିଲା।

ବ୍ରହ୍ମପୁର ଏମ୍‌ଭି କନେଷ୍ଟବଳ ପୋଡି ଘଟଣା

ଚିକିତ୍ସାଧିନ ଆଶୁତୋଷଙ୍କ ମୃତ୍ୟୁ

ସିସିଟିଭିରେ ସବୁ ସ୍ପଷ୍ଟ, ମୃତ୍ୟୁକାଳୀନ ଜବାବ ବି ପ୍ରସ୍ତୁତ
କନଷ୍ଟେବଲ ପତ୍ନୀଙ୍କୁ ବ୍ରହ୍ମପୁର ପୁଲିସର ଅହେତୁକ ଅନୁକମ୍ପା କାହିଁକି ?

ବ୍ରହ୍ମପୁର, ୧୨।୬: ପୋଡ଼ି ହୋଇ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା ମୋଟର ଭେହିକଲ (ଏମ୍‌ଭି) କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆଙ୍କର ଆଜି ସକାଳେ ମୃତ୍ୟୁ ଘଟିଛି। ତାଙ୍କ ଭଉଣୀ ଏହି ସୂଚନା ଦେଇଛନ୍ତି। ଆଶୁତୋଷଙ୍କୁ ତାଙ୍କ ପତ୍ନୀ ଓ ଶାଳକ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଆଶୁତୋଷଙ୍କ ଶରୀରର ୮୦% ପୋଡ଼ି ଯାଇଥିଲା। ତାଙ୍କୁ ଭୁବନେଶ୍ୱର ଏମ୍‌ସର ବର୍ଣ୍ଣ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ୨ ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ହେଲେ ଆଜି ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

ଆଶୁତୋଷ ତାଙ୍କ ପତ୍ନୀ ସନ୍ଧ୍ୟା ନାୟକ ଓ ଶାଳକଙ୍କ ବିରୋଧରେ ଦୁଇ ଥର ବୟାନ ଦେଇଥିଲେ। ପତ୍ନୀ ଓ ଶାଳକ ମିଶି ତାଙ୍କ ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିବା ସେ କହିଥିଲେ। ହେଲେ ଏଯାଏ ସେମାନଙ୍କ ପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହିଁ ପୁଲିସ।

ଆଶୁତୋଷଙ୍କ ପତ୍ନୀ ବ୍ରହ୍ମପୁର ପୁଲିସରେ କନଷ୍ଟେବଲ ଭାବେ କାର୍ଯ୍ୟ କରନ୍ତି। ବ୍ରହ୍ମପୁର ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏହି ତଦନ୍ତ ଉପରେ ପ୍ରଶ୍ନ ଉଠାଇ ଆସୁଛନ୍ତି ଆଶୁତୋଷଙ୍କ ପରିବାର ଲୋକେ। ଆଜି ଆଶୁତୋଷଙ୍କ ମୃତ୍ୟୁ ପରେ ସେମାନେ ପୁଣି ବ୍ରହ୍ମପୁର ପୁଲିସ ଉପରେ ବର୍ଷିଛନ୍ତି। ସନ୍ଧ୍ୟା ନାୟକ ଓ ତାଙ୍କ ଭାଇଙ୍କ ବିରୋଧରେ ବ୍ରହ୍ମପୁର ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ସେମାନେ ଘଟଣାର ସିବିଆଇ ତଦନ୍ତ କରାଇବାକୁ ପୁଣି ଦାବି କରିଛନ୍ତି। ଆଶୁତୋଷ ପୋଡ଼ି ହେବା ପରେ ତାଙ୍କ ଡାକ୍ତରଖାନା ନେଇ ନଥିଲେ ତାଙ୍କ ପତ୍ନୀ ସନ୍ଧ୍ୟା ନାୟକ। ଏପରିକି ସେ ଏମ୍‌ସରେ ଚିକିତ୍ସାଧୀନ ଥିବା ସମୟରେ ଥରୁଟିଏ ବି ସନ୍ଧ୍ୟା ତାଙ୍କୁ ଦେଖିବାକୁ ଆସିନଥିଲେ ବୋଲି ଅଭିଯୋଗ କରିଛନ୍ତି ଆଶୁତୋଷଙ୍କ ମା'। କନଷ୍ଟେବଲ ଆଶୁତୋଷ ମୃଦାଙ୍ଗିଆ ବାଇକ୍‌ରେ ତାଙ୍କ ପତ୍ନୀଙ୍କ କ୍ୱାର୍ଟର୍ସକୁ ଆସିବା ଓ ଘଟଣା ଘଟିବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଉଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଜୁନ୍ ୫ ତାରିଖ ରାତି ୯ଟା ୨୩ ମିନିଟରେ ବାଇକ୍ ଧରି ପୁଲିସ କଲୋନୀକୁ ଆସିଥିଲେ ଆଶୁତୋଷ । ପରେ ଜଳୁଥିବା ଅବସ୍ଥାରେ ୯ଟା ୨୯ ମିନିଟ୍‌ରେ ତଳକୁ ଦୌଡ଼ି ଆସିଥିବା ପୁଲିସ ପାଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି।ପୁଲିସ୍ କଲୋନୀର ଉକ୍ତ ଅପାର୍ଟମେଣ୍ଟର ସେହି ଫ୍ଲୋରରେ ରହୁଥିବା ଆଉ ୩ ଜଣ କନଷ୍ଟେବଲଙ୍କ ପରିବାର ଲୋକଙ୍କୁ ପଚରାଉଚରା କରାଯାଇଛି। ସାଇଣ୍ଟିଫିକ ପ୍ରମାଣ ଓ ତଥ୍ୟକୁ ଭିତ୍ତି କରି ଅଧିକ ତଦନ୍ତ ଜାରି ରଖିଛି ପୁଲିସ।ଆଶୁତୋଷ ସେଦିନ ନିଜେ ସେଠାକୁ ଯାଇଥିଲେ ନା ତାଙ୍କୁ ତାଙ୍କ ପତ୍ନୀ ସନ୍ଧ୍ୟା ନାୟକ ବା ତାଙ୍କ ଶାଳକ ଡାକିଥିଲେ, ତାହା ଜାଣିବା ପାଇଁ ପୁଲିସ ପ୍ରୟାସ କରୁଛି। ପୁଲିସ ଆଶୁତୋଷ ଓ ଅଭିଯୁକ୍ତମାନଙ୍କ କଲ୍ ରେକର୍ଡ ଯାଞ୍ଚ କରୁଛି। ଆଶୁତୋଷଙ୍କ ପତ୍ନୀ ସନ୍ଧ୍ୟା ନାୟକଙ୍କ ବିରୋଧରେ ପରକୀୟା ପ୍ରୀତି ଅଭିଯୋଗ ଆଣିଛନ୍ତି ତାଙ୍କ ପରିବାର ଲୋକେ। ତାଙ୍କ ପଛରେ କୌଣସି ବଡ଼ ଅଧିକାରୀଙ୍କ ହାତ ଥିବା ସେମାନେ ସନ୍ଦେହ କରୁଛନ୍ତି। ତାଙ୍କ ଏକାଉଣ୍ଟକୁ ୫୦ ହଜାର ଟଙ୍କା ଆସିବା ପରେ ଆଶୁତୋଷ ତାଙ୍କ ଉପରେ ସନ୍ଦେହ କରିଥିଲେ। ତା' ପରଠାରୁ ସେମାନଙ୍କ ମଧ୍ୟରେ ଝଗଡ଼ା ବଢ଼ିଥିଲା ବୋଲି କୁହାଯାଉଛି। ଆଶୁତୋଷ ଓ ସନ୍ଧ୍ୟା ୨୦୨୫ ଫେବ୍ରୁଆରୀ ମାସରେ ବିବାହ କରିଥିଲେ। ସେମାନେ ପ୍ରେମ ବିବାହ କରିଥିଲେ। ବାହାଘର ପରେ ସନ୍ଧ୍ୟା ଶାଶୁ ଘରେ ରହୁଥିଲେ। କିନ୍ତୁ ମନୋମାଳିନ୍ୟ ପରଠାରୁ ସେ ବିଜିପୁର ପୁଲିସ୍ କଲୋନୀ କ୍ୱାର୍ଟର୍ସରେ ରହୁଥିଲେ। ସନ୍ଧ୍ୟାଙ୍କୁ ଯୌତୁକ ନିର୍ଯାତନା ଦେବା ତଥା ହତ୍ୟା ଉଦ୍ୟମ ଅଭିଯୋଗରେ ପୂର୍ବରୁ ଆଶୁତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ଜାମିନରୁ ବାହାରିବା ପରେ ସେ ଜୁନ୍ ୫ ତାରିଖ ସନ୍ଧ୍ୟାରେ ବିଜିପୁର ସ୍ଥିତ ତାଙ୍କ ପତ୍ନୀଙ୍କ କ୍ୱାର୍ଟର୍ସକୁ ଯାଇଥିବା ବେଳେ ଘଟିଥିଲା ଏହି ଘଟଣା।

ଦିଲ୍ଲୀ ଆବାସିକ କୋଠାରେ ଅଗ୍ନିକାଣ୍ଡ, ତିନି ମୃତ

ନୂଆଦିଲ୍ଲୀ, ୧୨।୬: ଶୁକ୍ରବାର ଭୋର ସମୟରେ ଦକ୍ଷିଣ-ପୂର୍ବ ଦିଲ୍ଲୀର ତୁଗଲକାବାଦ ଅଞ୍ଚଳରେ ଥିବା ଏକ ବହୁତଳ ଆବାସିକ କୋଠାରେ ଅଗ୍ନିକାଣ୍ଡ ଘଟିବାରୁ ଜଣେ ୨୨ ବର୍ଷୀୟ ପୁରୁଷ ଓ ଦୁଇ ଜଣ ମହିଳାଙ୍କ ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଅଧିକାରୀଙ୍କ କହିବାନୁସାରେ, ତୁଗଲକାବାଦର ଗଲି ନମ୍ବର ୧ରେ ରାତି ପ୍ରାୟ ୨ଟା ୩ ସମୟରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଥିଲା। ଛଅ ମହଲା କୋଠାର ତଳ ମହଲାରେ ପାର୍କିଂ ଅଞ୍ଚଳରେ ନିଆଁ ଲାଗିଥିଲା। ପ୍ରବଳ ଧୂଆଁ ହେତୁ କୋଠା ଭିତରେ ଫସି ରହିଥିବା ଆଠ ଜଣ ବାସିନ୍ଦାଙ୍କୁ ଉଦ୍ଧାର କରାଯାଇ ସଫଦରଜଙ୍ଗ ଡାକ୍ତରଖାନା ଓ ଏମ୍ସ ଟ୍ରମା ସେଣ୍ଟରକୁ ନିଆଯାଇଥିଲା।

ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ଯେ ତଳ ମହଲାରେ ବୈଦ୍ୟୁତିକ ସର୍ଟ ସର୍କିଟ ହେତୁ ନିଆଁ ଲାଗିଥିଲା। ଏହି ନିଆଁ ଶୀଘ୍ର ପାର୍କିଂ ହୋଇଥିବା ସାତଟି ଦୁଇ ଚକିଆ ଯାନକୁ ଧରିଥିଲା, ଯେଉଁଥିରେ ଚାର୍ଜ କରାଯାଉଥିବା ଏକ ଇଲେକ୍ଟ୍ରିକ୍ ସ୍କୁଟର ମଧ୍ୟ ଥିଲା। ସ୍ଥାନୀୟ ପୁଲିସ, ଚାରୋଟି ଅଗ୍ନିଶମ ଦଳ, ସିଏଟିଏସ୍ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରିକାଳୀନ ସେବା ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଅଧିକାରୀମାନେ କହିଛନ୍ତି ଯେ ଭୋର ପ୍ରାୟ ୩ଟା ୪୫ ସମୟରେ ନିଆଁକୁ ନିୟନ୍ତ୍ରଣକୁ ଅଣାଯାଇଥିଲା ଏବଂ ସକାଳ ୪ଟା ସୁଦ୍ଧା ନିଆଁ ସମ୍ପୂର୍ଣ୍ଣ ଲିଭିଯାଇଥିଲା। ଏବେ ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଛି।

ପେଟ୍ରୋଲ ଓ ଡିଜେଲ କ୍ରୟ ଉପରେ କଟକଣ

ନୂଆଦିଲ୍ଲୀ୧୨।୬: ପଶ୍ଚିମ ଏସିଆ ଯୁଦ୍ଧ ସମୟରେ ତୈଳ ସଂକଟ ଦେଖା ଦେଇଥିବାରୁ ପୋଟ୍ରୋଲ-ଡିଜେଲ ବ୍ୟବହାର ନେଇ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ସାଧାରଣ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି ନହେବା ପାଇଁ ଡିଜେଲର ଶିଳ୍ପ ବ୍ୟବହାର ନେଇ କଟକଣା ଲଗାଯାଇଛି।

ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇ

ସିରିଜ ଡ଼କାୟତି ମାମଲାରେ ଛ' ଗିରଫ

ସୁନ୍ଦରଗଡ଼, ୧୨/୦୬ (ଆନିସ): ଜୁନ ୧୧ ତାରିଖ ସୁନ୍ଦରଗଡ଼ ପୋଲିସକୁ ବଡ଼ ସଫଳତା ମିଳିଛି। ହେମଗିର ଅଞ୍ଚଳରେ ୪ ଦିନ ମଧ୍ୟରେ ତିନୋଟି ସ୍ଥାନରେ ଏହି ଅଭିଯୁକ୍ତ ମାନେ ଡ଼କାୟତି କରି ଫେରାର ମାରିଥିଲେ। ସେହି ଅଭିଯୁକ୍ତ ମାନଙ୍କୁ ସୁନ୍ଦରଗଡ ଓ ଅନୁଗୋଳ ଅଞ୍ଚଳରୁ ବୁଧବାର ରାତ୍ରିରେ ହେମଗିର ପୋଲିସ ଗିରଫ କରିବା ସହ ଗୁରୁବାର ଅପରାହ୍ନ ୩ ଟାରେ କୋର୍ଟ ଚଲାଣ କରିଛି। ଅଭିଯୁକ୍ତ ମାନଙ୍କ ନାମରେ ତିନି ତିନୋଟି ମାମଲା ରୁଜୁ ହୋଇଥିଲା। ଜୁନ ୪ ହେମଗିର ଥାନା କେଶ ନମ୍ବର- ୨୬୩, ଜୁନ ୬ ହେମଗିର ଥାନା କେଶ ନମ୍ବର -୨୬୫ ଓ ଜୁନ ୭ ହେମଗିର ଥାନା କେଶ ନମ୍ବର -୨୬୬ ରେ ମାମଲା ରୁଜୁ କରି ହେମଗିର ପୋଲିସ ତଦନ୍ତ ଚଳାଇଥିଲେ। ଜୁନ ୭ ତାରିଖ ରାତି ୧୧:୩୦ ରେ ଏହି ଅଭିଯୁକ୍ତ ମାନେ ସ୍ଥାନୀୟ ଜଣେ ଠିକାଦାରଙ୍କୁ ମାଡ଼ ମାରି ଟଙ୍କା ସହ ତାଙ୍କ କାର ଲୁଟି

ଫେରାର ମାରିଥିଲେ। ଘଟଣା ଏସପିଙ୍କ କାନକୁ ଆସିବା ପରେ ସୁନ୍ଦରଗଡ ଜିଲ୍ଲାର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରି ସର୍ଚ୍ଚ ଅପରେସନ କରିଥିଲା ପୋଲିସ। ତେବେ ଅଭିଯୁକ୍ତ ମାନେ ଲୁଟି ଥିବା କାର ଓ ଠିକାଦାରଙ୍କ ମୋବାଇଲ କୁ ପୋଲିସ ଡରରେ ସଦର ଥାନା ଅନ୍ତର୍ଗତ ସମରଡିହି ଜଙ୍ଗଲ ରାସ୍ତାରେ ଛାଡି ଜଙ୍ଗଲ ମଧ୍ୟ ଦେଇ ଫେରାର ହୋଇଯାଇଥିଲେ। ପୋଲିସ ଏହି ଅପରାଧୀଙ୍କ ସିସିଟିଭି ଫୁଟେଜ ନେଇ ତଦନ୍ତ ଜୋରଦାର କରିଥିଲା। ଏସପିଙ୍କ ପ୍ରତ୍ୟକ୍ଷ ସୁପର ଭିଜନରେ ତଦନ୍ତ ଚାଲିଥିଲା। ସେହି ମାମଲା ଗୁଡିକରେ ସମ୍ପୃକ୍ତ ଥିବା ତିନି ନାବାଳକ ସମେତ ୬ ଜଣଙ୍କୁ ଗୁରୁବାର ଗିରଫ କରି ବିଭିନ୍ନ ଦଫାରେ କୋର୍ଟ ଚାଲାଣ କରିଛି ପୋଲିସ। ଗିରଫ ଅଭିଯୁକ୍ତଙ୍କ ଠାରୁ ବିଭିନ୍ନ ପ୍ରକାର ମାରଣା ଅସ୍ତ୍ର, ଚୋରି ହୋଇଥିବା ଦୁଇଟି ବାଇକ ଓ ଗୋଟିଏ କାର ଜବତ କରିଛି ପୋଲିସ। ତେବେ ଏହି ଅଭିଯୁକ୍ତ ମାନଙ୍କ ମଧ୍ୟରୁ ଦୁଇ ଅଭିଯୁକ୍ତଙ୍କ ନାମରେ ହେମଗିର ଥାନାରେ ଏକାଧିକ ମାମଲା ଥିବା ପୋଲିସର ତଦନ୍ତରେ ଜଣା ପଡିଛି। ଗିରଫ ଅଭିଯୁକ୍ତ ମାନେ ହେଲେ – କରନ ଦାସ, ଅଭିଜିତ୍ କଉଡି , ପ୍ରେମ ଜିତ୍ ଭୋଇ ଓ ତିନି ଜଣ ବାଳ ଅପରାଧୀ। ତେବେ ସମସ୍ତ ଅଭିଯୁକ୍ତଙ୍କ ଘର ହେମଗିର ଥାନା ଅଞ୍ଚଳର ବୋଲି ସାମ୍ବାଦିକ ସମ୍ମିଳନୀରେ ଏସପି କହିଛନ୍ତି ।

କ୍ଵାକ ଡାକ୍ତରଙ୍କ ଘରେ ଲୁଟ, ୬ ଲୁଟେରା ଗିରଫ,ଲୁଟ ସାମଗ୍ରୀ ଜବତ

ସୁନ୍ଦରଗଡ, ୧୨/୦୬(ଆନିସ): ସୁନ୍ଦରଗଡ ଜିଲ୍ଲା ଧରୁଆଡିହି ଥାନା ଅନ୍ତର୍ଗତ ବସ୍ତି ଅଞ୍ଚଳରେ ଜଣେ କ୍ଵାକ ଡାକ୍ତରଙ୍କ ଘରେ ସଶସ୍ତ୍ର ଲୁଟ ଘଟଣାରେ ଧରୁଆଡିହି ଥାନା ପୁଲିସ ୬ ଘଣ୍ଟା ମଧ୍ୟରେ ୬ ଜଣ ଲୁଟେରାଙ୍କୁ ଧରିବାରେ ସଫଳ ହୋଇଛି। ଜୁନ ୧୦ ତାରିଖ ବୁଧବାର ଦିନ ସନ୍ଧ୍ୟା ପ୍ରାୟ ୮ଟା ବେଳେ ୬ ଜଣ ଲୁଟେରା ଧରୁଆଡିହି ବସ୍ତିରେ ଥିବା କ୍ଵାକଡାକ୍ତର ମୋତିଲାଲ ବିଶ୍ୱାସଙ୍କ ଘରେ ପଶି ତାଙ୍କୁ କାବୁ କରି ୧ ଲକ୍ଷ ୬୭ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ପୁଲିସ ଖବର ପାଇଲା ପରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲା । ଲୁଟେରା ମାନେ କିଞ୍ଜିର୍ମା ଜଙ୍ଗଲରେ ଲୁଚିଥିବା ଖବର ପାଇ ପୁଲିସ ସେଠାରେ ଚଢାଉ କରି ସମସ୍ତ ୬ ଜଣ ଲୁଟେରାଙ୍କୁ ଧରିବାରେ ସଫଳ ହୋଇଥିଲା । ତାଙ୍କ ଠାରୁ ଲୁଟ୍ ହୋଇଥିବା ସମସ୍ତ ଟଙ୍କା , ଦୁଇଟି ବାଇକ୍, ୫ ଟି ମୋବାଇଲ ଏବଂ ଗୋଟିଏ ଭୁଜାଲି ଜବତ କରିଛି । ଗୁରୁବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା କଥା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ବାହାଡ଼ାଝୋଲା ଫାଣ୍ଡି ଅଞ୍ଚଳରୁ ନାବାଳିକା ନିଖୋଜ

ଓଡ଼ଗାଁ ୧୨/୦୬(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ା ଝୋଲା ଫାଣ୍ଡି ଅଞ୍ଚଳରୁ ୧୦ ତାରିଖ ବିଳମ୍ବିତ ରାତି ଅର୍ଥାତ୍ ୧୧ ତାରିଖରେ ଜଣେ ୧୫ ବର୍ଷୀୟ ନାବାଳିକା କେଉଁଆଡ଼େ ନିଖୋଜ ହୋଇ ଯାଇଥିବା ନେଇ ନାବାଳିକାର ବାପା ଏନେଇ ଓଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି।

ଓଡ଼ଗାଁ ଏସଂକ୍ରାନ୍ତରେ ଏକ ନିଖୋଜ ମାମଲା ରୁଜୁ କରି ଅନୁସନ୍ଧାନ ଚଳାଇଛନ୍ତି। ସୂଚନା ଥାଉକି ଅପ୍ରାପ୍ତ ବୟସର ଝିଅମାନେ ପ୍ରଲୋଭନର ଶିକାର ହୋଇ ଏହିପରି ଭୁଲ୍ କରୁଥିବା ବେଳେ ସେମାନଙ୍କ ଭବିଷ୍ୟତ ଜୀବନ ଅନ୍ଧକାରମୟ ହୋଇଥିବା ପ୍ରମାଣିତ ହେଲା ପରେ ମଧ୍ୟ ଓଡ଼ଗାଁ ଥାନା ଅଞ୍ଚଳରୁ ପ୍ରତି ମାସରେ ୨ ରୁ ୪ ଜଣ ନାବାଳିକା ନିଖୋଜ ହେବା ଘଟଣା ଅରୁଭଙ୍କର ସଙ୍କେତ ବହନ କରୁଛି। କାରଣ ନାବାଳିକା ସହିତ ତାର ପ୍ରେମିକ ଯଦି ପୋଲିସ ହାତରେ ଧରାପଡ଼ନ୍ତି। ତେବେ ନିଖୋଜ ଘଟଣା ଅପହରଣ ମାମଲକୁ ବଦଳିଯାଏ।

ସୁନ୍ଦରଗଡ ଡ୍ରାଇଭର ସଂଘ ଜିଲ୍ଲାପାଳ ଓ ଏସପିଙ୍କୁ ବିଭିନ୍ନ ଦାବି ନେଇ ସ୍ମାରକ ପତ୍ର ପ୍ରଦାନ

ସୁନ୍ଦରଗଡ, ୧୨/୦୬(ଆନିସ): ଓଡିଶା ଡ୍ରାଇଭର ସଂଘ ସୁନ୍ଦରଗଡ ଶାଖା ଜୁନ ୧୧ ତାରିଖ ଗୁରୁବାର ଦିନ ୬ ଦଫା ଦାବୀ ନେଇ ଜିଲ୍ଲାପାଳ ଓ ଏସପି ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ଆଗାମୀ ୯୦ ଦିନ ମଧ୍ୟରେ ଦାବୀଗୁଡିକ ପୂରଣ କରା ନ ଗଲେ ସଂଘ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ଓଡିଶା ଡ୍ରାଇଭର ସଂଘ ନିର୍ଦ୍ଦେଶରେ ସୁନ୍ଦରଗଡ ଡ୍ରାଇଭର ସଂଘର ସମ୍ପାଦକ ହରିଓମ କେଶରୀଙ୍କ ନେତୃତ୍ୱରେ ଜିଲ୍ଲାପାଳ,ଏସପି ଓ ଆରଟିଓ କାର୍ଯ୍ୟାଳୟକୁ ଯାଇ ୬ ଦଫା ଦାବୀ ପତ୍ର ପ୍ରଦାନ କରିଥିଲେ ୬ ଦଫା ଦାବୀପତ୍ରରେ ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଓ ୱାର୍କର ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି,ବୃତ୍ତିଗତ ଡ୍ରାଇଭର ଙ୍କୁ ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ ଗାଡି ପାର୍କିଂ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ପ୍ରତ୍ୟେକ ୧୦୦ କିଲୋମିଟର ଦୂରରେ ପାର୍କିଂ ସହିତ ବିଶ୍ରାମ ଗୃହ ଓ ଷୌଚାଳୟ ନିର୍ମାଣ,ଖଣି ଖାଦାନରେ ଶତକଡା ୭୦ ଭାଗ ସ୍ଥାନୀୟ ଡ୍ରାଇଭରଙ୍କୁ କାମ କରିବା ପାଇଁ ଅଗ୍ରାଧିକାର ଦିଆଯିବା, ସେପ୍ଟେମ୍ବର ୧ ତାରିଖ ରୁ ଚାଲକ ଦିବସ ଭାବେ ଘୋଷଣା କରିବାକୁ ସାମିଲ କରାଯାଇଛି ଦାବୀ ଗୁଡିକ ଉପରେ ବାରମ୍ବାର ଆଲୋଚନା କରିବା ସତ୍ୱେ କାର୍ଯ୍ୟକାରୀ ହେଉ ନ ଥିବାରୁ ଡ୍ରାଇଭର ସଂଘ ଆନ୍ଦୋଳନ ନିଷ୍ପତ୍ତି ନେଇଛନ୍ତି ।

ସ୍ତ୍ରୀକୁ ହତ୍ୟା କଲା ସ୍ୱାମୀ, ହତ୍ୟାକାରୀ ଫେରାର,ପୋଲିସର ତଦନ୍ତ ଜାରି

ସୁନ୍ଦରଗଡ଼, ୧୨।୦୬(ଆନିସ): ଜୁନ ୧୧ ତାରିଖ ଗୁରୁବାର ଲେଫ୍ରିପଡା ଥାନା ଅନ୍ତର୍ଗତ ସୁଆରୀଜୋରରେ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ପିଟିପିଟି ହତ୍ୟା କଲା ଏହି ଖବର ଅଞ୍ଚଳରେ ବ୍ୟାପିବା ପରେ ସମସ୍ତେ ଏହା ଉପରେ ଭିନ୍ନ ଭିନ୍ନ ଟିପ୍ପଣୀ ଦେଉଛନ୍ତି। ରାଗ ହେଉ କିମ୍ବା ମଦର ପ୍ରଭାବ ହେଉ ଅଥବା ଅନ୍ୟ କିଛି କାରଣ ହେଉ ସମ୍ପୃକ୍ତ ଅଭିଯୁକ୍ତ ଅତି ନିର୍ମମ ଭାବେ ତା ସ୍ତ୍ରୀକୁ ବାନ୍ଧି ପିଟିପିଟି ହତ୍ୟା କରିଛି। ଗାଁଲୋକେ ଏହି ଦୃଶ୍ୟ ଦେଖିବା ପରେ ମୃତକଙ୍କ ପରିବାରଙ୍କୁ ସୂଚିତ କରିଥଲେ। ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ଅଭିଯୁକ୍ତ ସ୍ୱାମୀ ଏହି ଜଘନ୍ୟ କାଣ୍ଡ ଘଟାଇଛି। ଘରଠାରୁ ପ୍ରାୟ ଏକ କିଲୋମିଟର ଦୂର ଜଙ୍ଗଲ କଡ ନାଳ ପାଖରେ ଏହି କାଣ୍ଡ ଘଟାଇଛି। ମୃତ ମହିଳା ହେଲେ – ସରୋଜିନୀ ମାଝି। ଅଭିଯୁକ୍ତ ହେଲା କୃପା କିଶାନ। କୃପା ତା ସ୍ତ୍ରୀକୁ ଗଛରେ ବାନ୍ଧି ପିଟି ଚାଲିଥିଲା ବେଳେ କେତେକ ସ୍ଥାନୀୟ ଲୋକେ ଦେଖିଥିବା ଜଣା ପଡିଛି। ତେବେ ମୃତକଙ୍କ ଭାଇଙ୍କୁ ମୃତକଙ୍କ ନଣନ୍ଦ ତଥା ହତ୍ୟାକାରୀର ଭଉଣୀ ସୁରେଖା କିଶାନ ଖବର ଦେଇଥିଲେ। ଖବର ପାଇ ସରୋଜିନୀଙ୍କ ବାପା ଘର ଲୋକେ ବହୁ ସମୟ ଖୋଜିବା ପରେ ତାଙ୍କୁ ହାତ ଗୋଡ ବନ୍ଧା ଅବସ୍ଥାରେ ପାଇଥିଲେ। ତେବେ ଏହି ଘଟଣା ଗତ କାଲି ଘଟିଥିଲା। ଏ ନେଇ ମୃତକଙ୍କ ବାପା ଗଜେନ୍ଦ୍ର ମାଝିଙ୍କ ରିପୋର୍ଟ କ୍ରମେ ଲେଫ୍ରିପଡ଼ା ଥାନା କେଶ ନମ୍ବର -୧୬୫ରେ ଏକ ମାମଲା ରୁଜୁ କରି ଶବ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି।

ଓଡ଼ଗାଁ ଅଦାଲତରେ ବିଶ୍ୱ ଶିଶୁଶ୍ରମିକ ନିରୋଧ ଦିବସ ପାଳିତ

ଓଡ଼ଗାଁ ୧୨/୦୬ (ଆନିସ): ଓଡ଼ଗାଁ ତାଲୁକ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ତାଲୁକ ଆଇନ ସେବା ପ୍ରାଧିକରଣ ସଚିବ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ସଙ୍ଘମିତ୍ରା ଶର୍ମାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଓଡ଼ଗାଁ ସିଭିଲ କୋର୍ଟ କମ୍ପ୍ଲେକ୍ସ ମଧ୍ୟରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି।ଉକ୍ତ ସଭାରେ ଓଡ଼ଗାଁ ଦେୱାନୀ (କନିଷ୍ଠ) ବିଭାଗ ବିଚାରପତି ପ୍ରେରଣାଶ୍ରୀ ଦେଓ, ଓକିଲ ସଙ୍ଘ ସଭାପତି ସୁଶାନ୍ତ କୁମାର ମିଶ୍ର, ସମ୍ପାଦକ ଚିରଞ୍ଜିବି ଦାଶ, ବରିଷ୍ଠ ଆଇନଜୀବୀ ଇନ୍ଦୁଭୂଷଣ ମିଶ୍ର, ପବିତ୍ରମୋହନ ସାହୁ ଓ ଅନ୍ୟ ଆଇନଜୀବୀ ମାନଙ୍କ ସହିତ, ପ୍ରକୃତି ବନ୍ଧୁ ତଥା ପରିବେଶବିତ ସୁକାନ୍ତ କୁମାର ଚୌଧୁରୀ, ରାବରା ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ସହିତ ପଞ୍ଚାୟତର ପ୍ରାୟ ପଚାଶରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ।ବକ୍ତା ମାନେ ଶିଶୁ ମାନଙ୍କ ଅଧିକାର ସମ୍ପର୍କରେ ଆଲୋଚନା କରି ଶିଶୁ ମାନଙ୍କୁ ବିଭିନ୍ନ କର୍ମ କ୍ଷେତ୍ର ରେ ନିୟୋଜନ କରିବା ଦ୍ୱାରା ସେମାନଙ୍କ ଭବିଷ୍ୟତ କିପରି ବିପଥଗାମୀ ହେଉଛି ଓ ତାହା ନିରାକରଣ ସମ୍ପର୍କରେ ନିଜ ନିଜ ମତ ରଖିଥିଲେ ଉକ୍ତ କାର୍ଯ୍ୟକ୍ରମକୁ ଆଇନ ସେବା ପ୍ରାଧିକରଣ ସଂଯୋଜିକା ଶ୍ରଦ୍ଧାଞ୍ଜଳୀ ରଥ ସଂଯୋଜନା କରିଥିଲେ।

କେନ୍ଦୁଝରରେ ଆରମ୍ଭ ହେଲା ୨୨ ତମ ସବଜୁନିୟର (କନିଷ୍ଠ) ବାଳକ ଓ ବାଳିକା ହ୍ୟାଣ୍ଡବଲ ଚମ୍ପିଆନସିପ

କେନ୍ଦୁଝର,୧୨।୬ କେନ୍ଦୁଝରରେ ଉଦଘାଟିତ ହୋଇଛି ୨୨ତମ ରାଜ୍ୟ ସ୍ତରିୟ କନିଷ୍ଠ ବାଳକ ଓ ବାଳିକା ହ୍ୟାଣ୍ଡବଲ୍ ଚମ୍ପିଆନସିପ୍ ମ୍ୟାଚ୍ । କେନ୍ଦୁଝର ହ୍ୟାଣ୍ଡବଲ୍ ପଡ଼ିଆରେ ଆୟୋଜିତ ଏହି ଚମ୍ପିଆନସିପ୍ କୁ ସାଂସଦ ଶ୍ରୀ ଅନନ୍ତ ନାଏକ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ରୂପେ ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏସିନ୍ ର ଉପସଭାପତି ତଥା ରାଜ୍ୟ ହ୍ୟାଣ୍ଡବଲ ସଂଘର ସଂମ୍ପାଦକ ଇଂ ମାନସ କୁମାର ସିଂ , ବୈତରଣୀ ମାଇନ୍ସ ର ଜେନେରାଲ ମ୍ୟାନେଜର ଶ୍ରୀ , ରାଜ୍ୟ ହ୍ୟାଣ୍ଡବଲ ସଂଘର ସଭାପତି ଶ୍ରୀ ବିଜୁପ ଚଉଧୁରୀ , ତଥା ଜିଲ୍ଲାହ୍ୟାଣ୍ଡବଲ ସଂଘର ସଭାପତି ଇଂ ବସନ୍ତ କୁମାର ଦାନୀ ଯୋଗଦେଇଥିଲେ । ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ରିତିକ ଅଧିକାରୀ ମଞ୍ଚ ପରିଚାଳନା କରିଥିଲେ । ପ୍ରଥମେ ଷ୍ଟାଡିୟମରେ ସାଂସଦ ପାଣ୍ଠି ରେ ନିର୍ମିତ ସେଡକୁ ଉଦଘାଟନ କରିଥିଲେ ସାଂସଦ । ତା ପରେ ଖେଳର କିପରି ଅଧିକା ବିକାଶ ହୋଇପାରିବ ସେଥିପ୍ରତି ଧ୍ୟାନ ଦେବା ସହ ସବୁ ପ୍ରକାର ସୁବିଧା ସହୋଯୋଗ ଯୋଗାଇ ଦେବାକୁ କହିଛନ୍ତି ।

ଆଜିର ଏହି ଖେଳରେ୧୬ଟି ଜିଲ୍ଲାର ବାଳକ ଓ ବାଳିକା ଖେଳାଳୀ ଯୋଗ ଦେଉଥିବା ବେଳେ, ଚମ୍ପିଆନସିପ୍ ରେ ସମୁଦାୟ ୪୦ଟି ମ୍ୟାଚ୍ ଅନୁଷ୍ଠିତ ହେବ । ଆସନ୍ତା ୧୩ ତାରିଖରେ ଏହି ଚମ୍ପିଆନସିପ୍ ର ଉଦଯାପନୀ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ଖେଳକୁ ପରିଚାଳନା ନିମନ୍ତେ ରାଜ୍ୟ ବିଭିନ୍ନ ଜିଲ୍ଲାରୁ ବଛାବଛା ୨୦ ଜଣ ରେଫରି ନିୟୋଜିତ ହୋଇଛନ୍ତି ।

୭୦ ବର୍ଷୀୟ ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ କରି ଯୁବକ ଗିରଫ

ଓଡ଼ଗାଁ ୧୨/୦୬ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଗିରିଡିପଲ୍ଲୀ ପଞ୍ଚାୟତ ଧଏଁାଲା ଗ୍ରାମର ଜଣେ ବୃଦ୍ଧା ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଓଡ଼ଗାଁ ପୋଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲେ।ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଯୁବକ ଜଣକ ଧଏଁାଲା ଗ୍ରାମର ଚିଦୁ/ଚିଦାନନ୍ଦ ନାୟକ ଓରଫ ନକୁଳ ନାୟକ।

ଗତ ମେ ମାସ ୦୮ ତାରିଖ ଅପରାହ୍ନ ୨ଟା ବେଳେ ଅଭିମନ୍ୟୁ ନାୟକଙ୍କୁ ସେହି ଗ୍ରାମର ନକୁଳ ନାୟକ,ବୁଲା ନାୟକ ଏବଂ ବବୁଲ ବେହେରା ସୋଧା ବକା କରିବା ସମୟରେ ଅଭିମନ୍ୟୁଙ୍କ ସ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚି କାହିଁକି ଗାଳିଗୁଲଜ କରୁଛ ବୋଲି ପଚାରିଲେ। ତିନିହେଁ ଅଭିମନ୍ୟୁଙ୍କୁ ଛାଡ଼ି ତାଙ୍କ ସ୍ତ୍ରୀ ରମା ନାୟକଙ୍କ ସହିତ ପାଟି ତୁଣ୍ଡ କରିଥିଲେ। ଏବଂ ନକୁଳ ନାୟକ ମାଡ଼ରେ ରମାଙ୍କର ମୁଣ୍ଡ ଫାଟି ଯାଇଥିଲା।

ରକ୍ତ ଜୁଡୁବୁଡୁ ଅବସ୍ଥାରେ ରମାଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଓଡ଼ଗାଁ ଥାନାରେ ଥାନାରେ ଅଭିଯୋଗ ଅଭିଯୋଗ ହେବା ପରେ ଓଡ଼ଗାଁ ପୋଲିସ ୧୨୧/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଥିଲେ। ସୂଚନା ଥାଉକି ନକୁଳ ନାୟକ ନାମରେ ଓଡ଼ଗାଁ ଥାନାରେ ପୂର୍ବରୁ ୩୪୮/୨୫ ବାଡିଆପିଟା ମାମଲା ସହିଦ ଏକାଧିକ ଅପରାଧୀକ ମାମଲା ରହିଥିବା ବେଳେ ଅବକାରୀ ମାମଲା ମଧ୍ୟ ରହିଥିବା ଜଣାଯାଇଛି।

ଆଙ୍କୁଲା ମଦ ଦୋକାନ ବିବାଦ

ଗ୍ରାମବାସୀଙ୍କ ପ୍ରତିବାଦ ନା ବିଜେପିର ଅନ୍ତର୍ଦ୍ୱନ୍ଦ୍ୱ

ଯାଜପୁର, ୧୨/୦୬ (ଆନିସ): ଆଙ୍କୁଲା ମୌଜାରେ ପ୍ରସ୍ତାବିତ ବିଦେଶୀ ମଦ ଦୋକାନକୁ ନେଇ ଯାଜପୁର ଜିଲ୍ଲାରେ ଏବେ ରାଜନୈତିକ ତାପମାତ୍ରା ବଢ଼ିବାରେ ଲାଗିଛି। ଗୋଟିଏ ପଟେ ସ୍ଥାନୀୟ ଲୋକେ ମଦ ଦୋକାନ ବିରୋଧରେ ରାସ୍ତାକୁ ଓହ୍ଲାଇଥିବା ବେଳେ, ଅନ୍ୟପଟେ ଏହି ପ୍ରତିବାଦ ପଛରେ ଦଳୀୟ କନ୍ଦଳ ଓ ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ କାମ କରୁଥିବା ନେଇ ଚର୍ଚ୍ଚା ଜୋର ଧରିଛି।ପ୍ରସ୍ତାବିତ ମଦ ଦୋକାନ ନିକଟରେ ଶିକ୍ଷାନୁଷ୍ଠାନ, ମେଡିକାଲ କଲେଜ ଓ ଧାର୍ମିକ ସ୍ଥଳ ଥିବାରୁ ଏହା ସାମାଜିକ ପରିବେଶ ଉପରେ କୁପ୍ରଭାବ ପକାଇବ ବୋଲି ଦର୍ଶାଇ ଆଙ୍କୁଲା, ବିନ୍ଧାଣ ଓ ମକେଇପୁର

ଅଞ୍ଚଳର ଶତାଧିକ ଲୋକ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନହେଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସେମାନେ ସତର୍କ କରିଛନ୍ତି। ତେବେ ଏହି ଆନ୍ଦୋଳନରେ ବିଜେପିର ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡାଙ୍କ ସକ୍ରିୟ ଭୂମିକା ନୂଆ ପ୍ରଶ୍ନ ସୃଷ୍ଟି କରିଛି।

ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ଯେ, ବିଜେଡି ସରକାର ସମୟରେ ଏଭଳି ପ୍ରସଙ୍ଗରେ ସ୍ୱର ଉଠାଇ ନଥିବା କିଛି ନେତା ବର୍ତ୍ତମାନ କାହିଁକି ସକ୍ରିୟ ହୋଇଛନ୍ତି ଏହା ପଛରେ କୌଣସି ରାଜନୈତିକ ଅସନ୍ତୋଷ କିମ୍ବା ଗୋଷ୍ଠୀ ସଂଘର୍ଷ ରହିଛି କି ବୋଲି ଚର୍ଚ୍ଚା ଚାଲିଛି।ବିଶେଷକରି ଜିଲ୍ଲା ବିଜେପିର କିଛି ନେତାଙ୍କ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ମତଭେଦ ଏହି ବିବାଦକୁ ଆହୁରି ଚର୍ଚ୍ଚିତ କରିଛି। ପୂର୍ବରୁ ପଣସା ଗ୍ରାମ ପଞ୍ଚାୟତର ରାଜନୈତିକ ଘଟଣାକ୍ରମରେ ମଧ୍ୟ ଏହି ଗୋଷ୍ଠୀ କନ୍ଦଳର ପ୍ରଭାବ ଦେଖିବାକୁ ମିଳିଥିବା ଚର୍ଚ୍ଚା ହେଉଛି।

ସାମାଜିକ ଗଣମାଧ୍ୟମରେ ବଢୁଥିବା ବିବାଦ, ନେତାଙ୍କ ପରସ୍ପର ବିରୋଧୀ ଅବସ୍ଥାନ ଓ ମଦ ଦୋକାନକୁ ନେଇ ଜନଅସନ୍ତୋଷ ମଧ୍ୟରେ ଏବେ ଗୋଟିଏ ପ୍ରଶ୍ନ ସମସ୍ତଙ୍କ ମନରେଆଙ୍କୁଲା ମଦ ଦୋକାନ ବିରୋଧ ଆନ୍ଦୋଳନ ସତରେ ଜନସ୍ୱାର୍ଥ ପାଇଁ, ନା ଏହା ପଛରେ ରହିଛି ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱର ଅଦୃଶ୍ୟ ରାଜନୀତିଏହି ପ୍ରଶ୍ନର ଉତ୍ତର ଆଗାମୀ ଦିନର ରାଜନୈତିକ ଘଟଣାକ୍ରମ ଉପରେ ନିର୍ଭର କରିବ ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଉଛି।

ବିଶ୍ୱ ଶିଶୁ ଶ୍ରମ ବିରୋଧୀ ଦିବସ ପାଳିତ

କୁଚିଣ୍ଡା୧୨/୦୬(ଆନିସ): କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ରମା ପଞ୍ଚାୟତର ଠାକ

ରେଲୱେରେ ଚାକିରୀ କରେଇଦେବା ନାମରେ ୨୧ଲକ୍ଷ ଟଙ୍କା ଠକେଇ ମାମଲାରେ ଯୁବକ ଗିରଫ

ଆସିକା,୧୨।୬ (ଆନିସ): ରେଲୱେ ରେ ଚାକିରୀ କରେଇଦେବା ନାମରେ ୨୧ଲକ୍ଷ ଟଙ୍କା ଠକେଇ ମାମଲାରେ ଆସିକା ଥାନା କେସ ନମ୍ବର ୨୩୫/୨୬ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।ପ୍ରକାଶ ଥାଉକି ଆସିକା ଥାନା ଅଧୀନ ସାପୁଆ ପଲ୍ଲୀ ଗ୍ରାମର ବୃନ୍ଦାବନ ପାଳ ଙ୍କ ପୁଅ ବାଳକୃଷ୍ଣ ପାଳ (୪୪) ଙ୍କର ଭଦ୍ରକ ଜିଲ୍ଲା ଧୂସୁରୀ ଥାନା ଅନ୍ତର୍ଗତ ଓଲଟପୁର ଗ୍ରାମର କୁଶ ଚରଣ ନାଥଙ୍କ ପୁଅ ଗଦାଧର ନାଥ (୪୫)ସହ କଟକରେ ସାକ୍ଷାତ ପରେ ପରିଚୟ ସୃଷ୍ଟି ହୋଇଥିଲା ଏହାକୁ ଆଧାର କରି ପ୍ରାୟ ଏକ ବର୍ଷ ପୂର୍ବେ ବାଳକୃଷ୍ଣଙ୍କୁ ପାଞ୍ଚ ମାସ ମଧ୍ୟରେ ରେଲୱେରେ ଲୋକପାଇଲେଟ ଚାକିରି ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ବ୍ୟାଙ୍କ ଆକାଉଣ୍ଟ ଜମା ଏବଂ ଫୋନ୍ ପେ ମାଧ୍ୟମରେ ବିଭିନ୍ନ ସମୟରେ ପ୍ରାୟ ୨୧ ଲକ୍ଷ ଟଙ୍କା ନେଇଥିଲେ।ବାଳକୃଷ୍ଣଙ୍କ ବିଶ୍ୱାସ ହାସଲ କରିବା ପାଇଁ ଅଭିଯୁକ୍ତ ଗଦାଧର ନାଥ ଚାକିରି ସମ୍ବନ୍ଧୀୟ ଏକ ଚିଠି ଦେଇଥିଲେ। କିନ୍ତୁ ଚିଠିରେ କୌଣସି ନାମ କିମ୍ବା ଠିକଣା ନଥିଲା, ଯାହା ଫଳରେ ବାଳକୃଷ୍ଣଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା ।ଯାଞ୍ଚ ପରେ ବାଳକୃଷ୍ଣ ଜାଣି ପାରିଥିଲେ ଯେ ଗଦାଧର ଦେଇଥିବା ଚିଠିଟି ନକଲି। ଫଳରେ ବାଳକୃଷ୍ଣ ଗଦାଧର ଙ୍କୁ ଦେଇଥିବା ଟଙ୍କା ମାଗିଥିଲେ ଅଭିଯୁକ୍ତ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଛଅ ମାସ ମଧ୍ୟରେ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରିବେ ବୋଲି କିନ୍ତୁ ଛଅ ମାସ ସମାପ୍ତ ହେବା ପରେ ମଧ୍ୟ ଅଭିଯୁକ୍ତ ଟଙ୍କା ଫେରସ୍ତ କରିନଥିଲେ।ଫଳରେ ୦୫.୦୪.୨୦୨୬ ବାଳକୃଷ୍ଣ ଗଦାଧର ଙ୍କ ଗ୍ରାମ ଧୂଷୁରୀ ଥାନା ଅନ୍ତର୍ଗତ ଓଲଟପୁରକୁ ଯାଇ ତାଙ୍କ ଟଙ୍କା ଫେରସ୍ତ ମାଗିଥିଲେ ଅଭିଯୁକ୍ତ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଗୋଟିଏ ମାସ ମଧ୍ୟରେ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରିବେ ବୋଲି ଏହି ପ୍ରତିଶ୍ରୁତି ସତ୍ତ୍ୱେ, ଅଭିଯୁକ୍ତ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଟଙ୍କା ଫେରସ୍ତ ନକରିବା ଯୋଗୁଁ ୧୦.୦୫.୨୦୨୬ ରେ ବାଳକୃଷ୍ଣ ପୁନର୍ବାର ଗଦାଧର ଙ୍କ ଗ୍ରାମକୁ ଯାଇ ଟଙ୍କା ଫେରସ୍ତ କରିବାକୁ ଦାବି କରିଥିଲେ। ଗଦାଧର ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ ଏବଂ ଖଣ୍ଡା ଧରି ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଗୋଡ଼ାଇଥିଲେ। ଉପସ୍ଥିତ କିଛି ସ୍ଥାନୀୟ ଲୋକ ଉଦ୍ଧାର କରିଥିଲେ। ଏହା ପରେ, ବାଳକୃଷ୍ଣ ସେ ଧୂଷୁରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ, ଧୂଷୁରୀ ଥାନାରେ ଅଭିଯୁକ୍ତ ୧୨.୦୫.୨୦୨୬ ରେ ୩ ଲକ୍ଷ ଏବଂ ଚାରି ମାସ ମଧ୍ୟରେ ବାକି ଟଙ୍କା ପରିଶୋଧ ଫେରସ୍ତ କରିବା ପାଇଁ ସମାଧାନ ହୋଇଥିଲେ। କିଛିଦିନ ପରେ ଅଭିଯୁକ୍ତ ଗଦାଧର ସ୍ଥାନୀୟ ଅଞ୍ଚଳରୁ ଫେରାର୍ ହୋଇଯାଇଥିଲେ।ଏହି ଘଟଣା ସମ୍ପର୍କରେ ଗତ ୧୬.୦୫.୨୦୨୬ରେ ଆସିକା ଥାନାରେ ବାଳକୃଷ୍ଣ ଏକ ଲିଖିତ ଅଭିଯୋଗ କରିଥିଲେ ଅଭିଯୋଗକୁ ଭିତ୍ତି କରି ଆସିକା ପୋଲିସ ୨୩୫/୨୬ରେ ମାମଲା ରୁଜୁ କରି ଗତକାଲି ଅଭିଯୁକ୍ତ କୁ ଗିରଫ କରି ଧାରା ୩୩୬(୩)/୩୧୮(୪)/୧୧୫(୨)/୨୯୬/୩୫୧(୨)/୩(୫) ବିଏନଏସ ରେ କୋର୍ଟ ଚାଲାଣ କରିଥିବା ଏକ ପ୍ରେସ ବିବୃତିରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି।

ଗଜପତିରେ କାଳବୈଶାଖୀର ତାଣ୍ଡବ, ଉଡିଲା ୧୫ଟି ଘରର ଛପର

ପାରଳାଖେମୁଣ୍ଡି,୧୨।୬ (ଆନିସ): ଗଜପତି ଜିଲ୍ଲାର ମୋହନା ବ୍ଲକ୍ ପି. ଗୋବିନ୍ଦପୁର ଅଞ୍ଚଳରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ଏହାର ପ୍ରଭାବରେ ଏହି ଗ୍ରାମର ୧୫ ଜଣଙ୍କ ଘର ଟିଣ ଓ ଚାଳ ଛପର ଉଡିଯାଇଛି. ଫଳରେ ଖୋଲା ଆକାଶ ତଳେ ରହିଛନ୍ତି ଏହି ୧୫ ପରିବାରର ଲୋକେ। ଗତକାଲି ଅପରାହ୍ନ ୫ ଘଣ୍ଟା ସମୟରେ ଅଚାନକ କାଳ ବୈଶାଖୀଜନିତ ପ୍ରବଳ ବର୍ଷା ସହ ପବନ ହୋଇଥିଲା। ଫଳରେ ଗୋବିନ୍ଦପୁର ଗାଁର ୧୫ ଜଣଙ୍କ ଘର ଛପର ଉଡ଼ିଯାଇଥିବା ଅଭିଯୋଗ ହୋଇଛି। ଛପର ଉଡି ଯାଇଥିବା ଅସହାୟ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପ୍ରଦାନ ପାଇଁ ସେମାନେ ନିବେଦନ କରିଛନ୍ତି। ଘଟଣା ନେଇ ମୋହନା ତହସିଲଦାର ଚକ୍ରଧର ପାଢ଼ୀ ଅନୁଧ୍ୟାନ କରାଯାଇ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ଲୋକଙ୍କୁ ନିଶ୍ଚିତ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି. କାଳବୈଶାଖୀର ଏହି ତାଣ୍ଡବ ଯୋଗୁଁ ଏହି ଗ୍ରାମରେ କେତେକ ପୁରାତନ ବଡ଼ ବଡ଼ ଗଛ ଭାଙ୍ଗି ପଡିଛି. ଅନେକ ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡି ପଡ଼ିଥିବା ଯୋଗୁଁ ବିଦ୍ୟୁତ ସରବରାହ ବନ୍ଦ ରହିଛି.

ଯୁବମୋର୍ଚ୍ଚା ଜିଲ୍ଲା ଉପସଭାପତି ଦାୟିତ୍ୱ ନେଲେ ଅନିଲ୍

ଆସିକା,୧୨।୬ (ଆନିସ): ବିଜେପି ଯୁବମୋର୍ଚ୍ଚା ଘୁମୁସର (ଆସିକା) ସାଙ୍ଗଠନିକ ଜିଲ୍ଲାର ନୂତନ କାର୍ଯ୍ୟକାରିଣୀ ଘୋଷଣା ହୋଇଥିବା ବେଳେ ଆସିକା ନିର୍ବାଚନ ମଣ୍ଡଳୀର ଜଣାଶୁଣା ଯୁବ ନେତା ଅନିଲ କୁମାର ସ୍ୱାଇଁଙ୍କୁ ଜିଲ୍ଲା ଯୁବମୋର୍ଚ୍ଚାର ଉପସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

ଛାତ୍ରଜୀବନରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସହ ଜଡିତ ରହି ରାଷ୍ଟ୍ରୀୟ ଚିନ୍ତାଧାରାକୁ ପାଥେୟ କରି ଅନିଲ ବିଭିନ୍ନ ସାଙ୍ଗଠନିକ ଦାୟିତ୍ୱ ନିର୍ବାହ କରିଆସିଛନ୍ତି। ଜିଲ୍ଲା ସ୍ତରରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ପଦପଦବୀରେ ରହି ସେ ନିଜର ସାଙ୍ଗଠନିକ ଦକ୍ଷତାର ପରିଚୟ ଦେଇଛନ୍ତି।

ଦୃଢ଼ ସଂଗଠକ ଏବଂ କାର୍ଯ୍ୟଦକ୍ଷ ନେତୃତ୍ୱ ଭାବେ ପରିଚିତ ଅନିଲ କୁମାର ସ୍ୱାଇଁଙ୍କୁ ଏହି ନୂତନ ଦାୟିତ୍ୱ ମିଳିବା ତାଙ୍କ ରାଜନୈତିକ ଜୀବନରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଉପସଭାପତି ପଦବୀ ପାଇବା ପରେ ସେ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ରାଜ୍ୟ ଉପସଭାପତି ତୁତୁନ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅଜିତ ପଣ୍ଡାଙ୍କ ସମେତ ରାଜ୍ୟ ଓ ଜିଲ୍ଲାର ସମସ୍ତ ବରିଷ୍ଠ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଆଗାମୀ ଦିନରେ ଯୁବଶକ୍ତିଙ୍କୁ ସଂଗଠିତ କରି ବିକାଶ ଧାରାରେ ସାମିଲ କରିବା ସହ ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ କାମ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ମା ମାଳିଝୋଳା ଶକ୍ତିପୀଠରେ ଶାନ୍ତିପୂଜା ଓ ହୋମ କାର୍ଯ୍ୟ

ବୁଗୁଡା,୧୨।୬ (ଆନିସ): ବୁଗୁଡ଼ା ସହର ଉପକଣ୍ଠରେ ବିରାଜମାନ ମା ମାଳିଝୋଳା ଶକ୍ତିପୀଠରେ ଶାନ୍ତିପୂଜା ଓ ହୋମ କାର୍ଯ୍ୟକ୍ରମ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ବିଭୁତି ତ୍ରିପାଠୀ, ମନୋଜ ଦାଶ, ସାନୁଜ ମିଶ୍ର, ରାଧାକାନ୍ତ ଦାଶ, ବିଜୟ ଦାଶ, ଚିତ୍ତରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇ ପୂଜାପାଠ, ହୋମ, ଯଜ୍ଞାଦି କାର୍ଯ୍ୟ ରୀତିନୀତି ପ୍ରକାରେ ସମ୍ପାଦନ କରିଥିବା ବେଳେ ସନ୍ତୋଷ କୁମାର ଜେନା ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ମାଳିଝୋଳା କମିଟିର ସଦସ୍ୟଗଣ ସହଯୋଗ କରିଥିବା ବେଳେ ରାତ୍ରକାଳରେ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା ।

୬୭ ଲିଟର ଦେଶୀ ମଦ ଜବତ, ୩ ଗିରଫ

ବୁଗୁଡା,୧୨।୬ (ଆନିସ): ବୁଗୁଡ଼ା ଅବକାରୀ ବିଭାଗ ତରଫରୁ ବୁଧବାର ଦିନ ବୁଗୁଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୬୭ ଲିଟର ଦେଶୀ ମଦ ଜବତ ସହ ଗିରଫ ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ତିନି ଜଣ ହେଲେ କୋଦଳା ଥାନା ଅନ୍ତର୍ଗତ ବେରୁହାଁବାଡିର ପ୍ରଦୀପ ବେହେରା, ବୁଗୁଡ଼ା ଥାନା ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମର ବାବୁଲା ପ୍ରଧାନ ଓ ଗୋଳାବନ୍ଧ ଗ୍ରାମର ଅକ୍ଷୟ ଜେନା ହୋଇଥିବା ବେଳେ ସେମାନଙ୍କ ବିରୁଦ୍ଧରେ ଯଥାକ୍ରମେ କେସ୍ ନଂ ୩୮/୨୬, ୩୯/୨୬ ଓ ୪୦/୨୬ରେ ପୃଥକ୍ ଭାବେ ତିନୋଟି ମାମଲା ରୁଜୁ ହୋଇଥିବା ଅବକାରୀ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତିଙ୍କଠାରୁ ପ୍ରକାଶ ପାଇଛି।ଅବକାରୀ ବିଭାଗ ତରଫରୁ ବୁଗୁଡା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମ ଉପକଣ୍ଠରେ ପ୍ରଦୀପଙ୍କଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ଠଣାପଲ୍ଲୀ ଗାଁ ନିକଟରେ ବାବୁଲାଠାରୁ ୨୦ ଲିଟର ଏବଂ ଗୋଳାବନ୍ଧ ଗାଁ ଶେଷମୁଣ୍ଡରେ ଅକ୍ଷୟଠାରୁ ୨୨ ଲିଟର ଦେଶୀ ଜବତ କରାଯାଇଥିଲା। ଉକ୍ତ ଚଢାଉ କାର୍ଯ୍ୟରେ ଅବକାରୀ ଥାନା ଓଆଇସି ଜ୍ୟୋତି ରଞ୍ଜନ ସେନାପତିଙ୍କ ନେତୃତ୍ୱରେ ନିରେନ୍ଦ୍ର ଶବର, ନିରଞ୍ଜନ ବେହେରା, ମନୋରଞ୍ଜନ ସେଠୀ ଓ କାମନା ରେଡି ପ୍ରମୁଖ ଅବକାରୀ କର୍ମଚାରୀ ସାମିଲ ଥିଲେ।

ଶ୍ରମ ନୁହେଁ – ଶିକ୍ଷାର ସୁନିଶ୍ଚିତ ପାଇଁ ଯୁବ ସମାଜର ସଂକଳ୍ପ

ବ୍ରହ୍ମପୁର, ଆଇଏସ୍ଆରଡି–ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ ବ୍ରହ୍ମପୁର ଦ୍ୱାରା ଆୟୋଜିତ ଆନ୍ତର୍ଜାତୀୟ ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖ ଠାରୁ ପଦଯାତ୍ରା କାର୍ଯ୍ୟକ୍ରମକୁ ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ କୁମାରୀ ଆକବରମ ସସ୍ୟ ରେଡ୍ଡୀ ସବୁଜ ପତାକା ଦେଖାଇ ଉଦ୍ଘାଟିତ କରି ଶ୍ରମ ନୁହେଁ – ଶିକ୍ଷା ର ସୁନିଶ୍ଚିତ ପାଇଁ ଆହ୍ୱାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବ ସମାବେଶକୁ ମୁଖ୍ୟ ଅତିଥି ରୂପେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ନାୟକ ଯୋଗଦେଇ ଶିଶୁ ଶ୍ରମିକ ମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ଯୁବକ ମାନଙ୍କୁ ଅନୁରୋଧ କରିବାସହ ଶିଶୁ ମାନଙ୍କର ଅଧିକାରକୁ ସାବ୍ୟସ୍ତ କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସୁଶ୍ରୀ ରାଜଶ୍ରୀ ଦାସ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ସେନାପତି ସହକାରୀ ଶ୍ରମ ଅଧିକାରୀ– ଗଞ୍ଜାମ, ଶ୍ରୀଯୁକ୍ତ ମହେଶ୍ୱର ବରାଡ଼– ଆବାହକ ଶିଶୁ ସୁରକ୍ଷା ବିରୋଧୀ ମଞ୍ଚ, ଗଞ୍ଜାମ ଶାଖା ଶ୍ରୀଯୁକ୍ତ ଦେବାନନ୍ଦ ଦାଶ, ନିର୍ଦ୍ଦେଶକ– କ୍ରାନ୍ତି, ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଗାୟତ୍ରୀ ଶକ୍ତି ପୀଠ, ଶ୍ରୀ ଗୀତ ଗୋବିନ୍ଦ ପ୍ରମୁଖ ଯୋଗ ଦେଇ ସମ୍ଭାବନା ଥିବା ଶିଶୁ ଶ୍ରମିକ ପରିବାରଙ୍କୁ ଚିହ୍ନଟ କରିବା ପାଇଁ ରାଜ୍ୟ ସରକାରଙ୍କ ଶ୍ରମ ବିଭାଗକୁ ଅନୁରୋଧ କରିଥିଲେ । ରାଜ୍ୟରେ ଶିଶୁ ଶ୍ରମିକ ଦୂରୀକରଣ ଓ ଶିଶୁ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ୧୧ଟି ବିଭାଗ କାମ କରୁଥିଲେ ମଧ୍ୟ ସମନ୍ୱୟର ଅଭାବ ରହୁଛି ବୋଲି ଶିଶୁ ଅଧିକାର କାର୍ଯ୍ୟକର୍ତ୍ତା ତଥା ନିର୍ଦ୍ଦେଶକ ଆଇଏସଆରଡି ସୁଧୀର ସାବତ ପରି ପ୍ରକାଶ କରିଥିଲେ ।

ବ୍ରହ୍ମପୁର ସହରର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବକ, ସାମନ୍ତରାୟ ଏକାଡେମୀ ଛାତ୍ର, ଖଲ୍ଲିକୋଟ କଲେଜର ଜାତୀୟ କ୍ୟାଡେଟ୍ କର୍ପସ୍ (ଏନ, ସି, ସି) ଛାତ୍ର ଓ ଛାତ୍ରୀ, ଆଇଏସଆରଡି ରତ ଶିଶୁ ଶ୍ରମିକ ଉପରେ ଶିକ୍ଷାନବିଶ କରୁଥିବା ଖଲ୍ଲିକୋଟ କଲେଜ, ମହାମୟୀ କଲେଜ, ସିଟି କଲେଜର ଛାତ୍ର ଛାତ୍ରୀ ଯୋଗଦେଇ ଶପଥ ପାଠ କରିଥିଲେ । ୱାନ ଷ୍ଟପ ସେଣ୍ଟରର କେନ୍ଦ୍ରୀୟ ପ୍ରଶାସିକା ଶ୍ରୀମତୀ ମହେଶ୍ୱତା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପ୍ରଭାତ କୁମାର ପାଢୀ, ଗୋପାଳ କୃଷ୍ଣ ଦଳବେହେରା, ସ୍ନେହାମୟୀ ପାଢୀ, ଆସ୍କିଲା ରାଇକା, ଐଶ୍ୱରୀୟା ସାବତ, ପ୍ରୀତି ସରିତା, ଶୟନୀ ମଲ୍ଲିକ, ବି ସୁନିତା, ପାର୍ବତୀ ମଲ୍ଲିକ, ବଜରଙ୍ଗ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ବାଦୁଆ ଗ୍ରାମରେ ଅଗ୍ନିକାଣ୍ଡ, ଜଳିଗଲା ୬ ବଖରା ଘର

ବୁଗୁଡ଼ା,୧୨।୬ (ଆନିସ): ବୁଗୁଡ଼ା ବ୍ଲକ ଗୋଲିଆ ପଞ୍ଚାୟତ ଅନ୍ତର୍ଗତ ବାଦୁଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୬ ଜଣଙ୍କ ୬ ବଖରା ଘର ସହ ଅନେକ ଆସବାବପତ୍ର ପୋଡି ଯାଇଛି ବିପନ୍ନ ପରିବାର ହେଲେ ଖଦାଳ ସାହିର ଶରତ ନାଇକ, ଆକୁଳ ନାଇକ, ଲଡୁଆ ନାଇକ, ବାପୁନା ନାଇକ, ମୋଟିଆ ନାଇକ ଓ ଲକ୍ଷ୍ମଣ ନାଇକ ମଙ୍ଗଳବାର ସକାଳ ୬ଟା ସମୟରେ ସର୍ଟ ସର୍କିଟ୍? ଯୋଗୁଁ ପ୍ରଥମେ ଶରତଙ୍କ ଚାଳ ଘରେ ନିଆଁ ଲାଗି ପଡୋଶୀରେ ଥିବା ଅନ୍ୟମାନଙ୍କ ଟିଣ ଛପର ଘରକୁ ବ୍ୟାପି ଯାଇଥିଲା ଖବର ପାଇ ବୁଗୁଡ଼ା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କଲା ବେଳକୁ ଟିଣ ଘର ଗୁଡିକର ଦୁଲାଗୁଡିକ ଜଳି ଟିଣ ନଇଁ ପଡିଥିଲା ଅଗ୍ନିକାଣ୍ଡ ପରେ ତହସିଲ ପ୍ରଶାସନ ପକ୍ଷରୁ ବିପନ୍ନ ପରିବାରକୁ କେବଳ ପାଳ ଖଣ୍ଡେ ଖଣ୍ଡେ ଯୋଗାଇ ଦିଆଯାଇଛି ଅଗ୍ନି ବିପନ୍ନ ବ୍ୟକ୍ତିମାନେ ଗରିବ ପରିବାରର ହୋଇଥିବାରୁ ଯଥାଶୀଘ୍ର ସେମାନଙ୍କୁ କ୍ଷତି ପୂରଣ ପ୍ରଦାନ ସହ ସରକାରୀ ଆବାସ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଥିବା ଜଣାଯାଇଛି।

ଗଞ୍ଜାମ ଏନଏସି ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ସାମୁହିକ ପ୍ରଦୀପ ପ୍ରଜ୍ୱଳନ

ଗଞ୍ଜାମ,୧୨।୬ (ଆନିସ): ଭାରତବର୍ଷର ସବୁଠୁ ଦୀର୍ଘ ସମୟ (୪୩୯୯ ଦିବସ) ଧରି ଗଣତାନ୍ତ୍ରିକ ଭାବେ ନିର୍ବାଚିତ ଏବଂ ନିରନ୍ତର ସେବା ପ୍ରଦାନ କରି ବିରଳ ଗୌରବ ଅର୍ଜନର ଅଧିକାରୀ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଙ୍କ ଐତିହାସିକ ସଫଳତାକୁ ନେଇ ତାଙ୍କର ଦୀର୍ଘ, ନିରାମୟ ଜୀବନ ପାଇଁ ଆଜି ଗଞ୍ଜାମ ସହର ସ୍ଥିତ ବଡ଼ ଜଗନ୍ନାଥ ମନ୍ଦିର ପରିସରରେ ସାମୁହିକ ଦୀପ ପ୍ରଜ୍ୱଳନ ଓ ପୂଜାପାଠ ଓ ମିଷ୍ଟାନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଗଞ୍ଜାମ ମଣ୍ଡଳ ସଭାପତି ଭଗବାନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ତଥା ଗଞ୍ଜାମ ଏନଏସି ଅଧକ୍ଷା ପ୍ରତିନିଧି ଇଂ. ବିନୋଦ କୁମାର ପାଢ଼ୀ ଯୋଗଦେଇଥିବା, ଅନ୍ୟ ମାନଙ୍କ ମଧ୍ୟରେ ଆତ୍ମନିର୍ଭର ଭାରତର ଜିଲ୍ଲା ସହ ସଂଯୋଜକ ଦୁର୍ଗା ମାଧବ ପାଣିଗ୍ରାହୀ,ବିଧାୟକ ପ୍ରତିନିଧି ରାନୁ ବୈଠାରୁ, ପୂର୍ବତନ ସଭାପତି କାନ୍ତାରି ଦଳାଇ,କାଉନସିଲର ଅରୁଣ କୁମାର ପଣ୍ଡା, ମୋହନ ରେଢ଼ୀ, ପୁରୁଷୋତ୍ତମ ସାହୁ, ପୂର୍ବତନ , ରଞ୍ଜନ କୁମାର ବେହେରା,ଡିକେରାଓ, ଯୁବ ମୋର୍ଚ୍ଚା ସଭାପତି ଆଶୁତୋଷ ଦାଶ, କୃଷକ ମୋର୍ଚ୍ଚା ସଭାପତି ସୁଶାନ୍ତ କୁମାର ତରାଇ, ହାଡ଼ିଆ ମହାପାତ୍ର, କାହ୍ନୁ ଚରଣ ପଣ୍ଡା, ଆଦିତ୍ୟ ମହାପାତ୍ର, ପ୍ରକାଶ ବାରିକ, ନିରଞ୍ଜନ ତରାଇ,ମନ୍ଦନ ପାଢ଼ୀ, ଗଣେଶମହାରଣା, ମୁରଲୀ ଦାଶ, ରାମଦାଶ ରେଢ଼ୀ, ସତ୍ୟବ୍ରତ ବେହେରା, ସୁନୀଲ ଙ୍କ ହେରା, ଦୁର୍ଯ୍ୟୋଧନ ମହଙ୍କୁଡ ହରପ୍ରସାଦ ବାରିକ, ,ରଞ୍ଜିତ ନାୟକ, କାହ୍ନୁ ନାୟକ, ଟୁନା ମହାନ୍ତି, ପପୁ ମହାନ୍ତି, ରୟାଲ ବେହେରା,ସଚିନ ପ୍ରଧାନ ମାନସ ରାଉଲ,ସୁଶୀଲ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହ ଦେବଦୁର୍ଲଭ ସଂଗଠନର ନିଷ୍ଠାବାନ ସୈନିକମାନେ ଯୋଗଦେଇ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ପାଲଟିଥିଲେ।

ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀଙ୍କୁ ଜୀବନବ୍ୟାପୀ ସଙ୍ଗୀତ ସାଧନ ସମ୍ମାନ

ପାରଳାଖେମୁଣ୍ଡି,୧୨।୬ (ଆନିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହରର ବାସିନ୍ଦା ପ୍ରଶାନ୍ତ ପାଢ଼ୀଙ୍କୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଠାରେ ଜୀବନବ୍ୟାପୀ ସଙ୍ଗୀତ ସାଧନା ସମ୍ମାନରେ ସମ୍ମାନୀତ କରାଯାଇଥିବା ସୂଚନା ମିଳିଛି । ଓଡ଼ିଶାର ଅଗ୍ରଣୀ ଦେବଂଶୀ ଅନୁଷ୍ଠାନ ଓ ଓଡିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଆୟୋଜିତ ସପ୍ତାଚାର୍ଯ୍ୟ ଉତ୍ସବ– ୨୦୨୬ସମାବେଶରେ ସଙ୍ଗୀତଜ୍ଞ ପ୍ରଶାନ୍ତ ପାଢ଼ୀଙ୍କୁ ଜୀବନବ୍ୟାପୀ ସଙ

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ ବ୍ୟାପିନଂ ଗଗନୋପମମ୍ ॥

ଜାତିପ୍ରଥା ଏକ ଅନାବଶ୍ୟକ ବ୍ୟବସ୍ଥା।

ଜାତିପ୍ରଥା ଏକ ତର୍କସମ୍ମତ ସାମାଜିକ ବ୍ୟବସ୍ଥା ନୁହେଁ। ଏହା ମାନବିକତା ଓ ସମାନତାର ପରିପନ୍ଥୀ। ଏକ ପ୍ରଗତିଶୀଳ ସମାଜ ଗଠନରେ ପ୍ରତିବନ୍ଧକ। ଜାତି ବିଜ୍ଞାନ ଅନୁମୋଦିତ ବ୍ୟବସ୍ଥା ନୁହେଁ। ସାମାଜିକ ବିଦ୍ୱେଷ ଓ ହିଂସା ସୃଷ୍ଟିର ଏହା ଅନ୍ୟତମ କାରଣ। ଜାତିପ୍ରଥା ଧର୍ମାନୁମୋଦିତ ମଧ୍ୟ ନୁହେଁ। ସମାଜରେ କର୍ମ ବିଭାଜନକୁ ସୂଚୀତ କରେ। ଏହା ଆଦୌ ବଂଶାନୁକ୍ରମିକ ନୁହେଁ। ଦଳେ ଚାଲାକ ଓ ସୁବିଧାବାଦୀ ଲୋକ ଏହାକୁ ବଂଶାନୁକ୍ରମିକ ବନାଇଛନ୍ତି। ତେଣୁ ଏହାକୁ ହଟାଇ ଆଦ୍ୟ ପବିତ୍ରତାକୁ ପୁନର୍ବାର ସ୍ଥାପନ କରିବା ଅତ୍ୟନ୍ତ ଜରୁରୀ। ସମାନତା ଉପରେ ପ୍ରତିଷ୍ଠିତ ଏକ ଭେଦଭାବ ରହିତ ପ୍ରଗତିଶୀଳ ସମାଜ ଗଠନ ସମୟର ଆବଶ୍ୟକତା ଅଟେ। ଏ ଦିଗରେ ଯୋଜନାବଦ୍ଧ ପଦକ୍ଷେପ ଉଭୟ ସାମାଜିକ ଓ ସରକାରୀ ସ୍ତରରେ ନିଆ ହେଲେ ଉପାଦେୟ ହେବା ନିଶ୍ଚିତ। ଅତୀତରେ ଏବାବଦରେ ଅନେକ ସାମାଜିକ କାର୍ଯ୍ୟକ୍ରମ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ହୋଇଛି। ଯଦିଓ ବିଶେଷ ସଫଳତା ମିଳିନାହିଁ ତଥାପି ଏହାର ପ୍ରଭାବ ସମାଜରେ କିଛି ମାତ୍ରାରେ ପଡିଛି। ଅତୀତର ଜାତିପ୍ରଥା ବିରୋଧି ଆନ୍ଦୋଳନ ନିଶ୍ଚୟ ମାର୍ଗଦର୍ଶନ କରିବ ଆଗକୁ ବଢ଼ିବାରେ ଓ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାରେ।

ପ୍ରଥମରେ ଜାତିପ୍ରଥା ବିରୋଧି ଆନ୍ଦୋଳନ ମନ୍ଦିରରୁ ଆରମ୍ଭ ହେବା ଜରୁରୀ। ହିନ୍ଦୁ ଜାଗରଣର ଏହା ଅଂଶବିଶେଷ ହେବା ଉଚିତ। ଏହି ଧର୍ମରେ କେଉଁଠାରେ ବି ବଂଶାନୁକ୍ରମିକ ଜାତିବାଦକୁ ସ୍ୱୀକୃତି ଦିଆଯାଇ ନାହିଁ। ଧର୍ମ ଅନୁସାରେ ଯିଏ ଯେଉଁ କାର୍ଯ୍ୟ କରିବ ତାକୁ ସେହି ଜାତିର ଅନ୍ତର୍ଗତ କରାଯାଉ। ବାପା ଯେଉଁ ଜାତିର ହେବ ପୁଅ ମଧ୍ୟ ସେହି ଜାତିର ହେବା ଧର୍ମାନୁମୋଦିତ ନୁହେଁ। କର୍ମ ଅନୁସାରେ ପିଲାମାନଙ୍କ ଜାତି ନିର୍ଣ୍ଣୟ ହେଉ। ହିନ୍ଦୁ ପଣ୍ଡିତମାନେ ବଂଶାନୁକ୍ରମିକ ଜାତିବ୍ୟବସ୍ଥାକୁ ଅସିଦ୍ଧ ଘୋଷଣା କରନ୍ତୁ। ଏହି ପଣ୍ଡିତମାନଙ୍କ ସର୍ବୋଚ୍ଚ ନିୟାମକ ସଂସ୍ଥା ରହୁ ବ୍ୟକ୍ତିର କର୍ମ ଅନୁସାରେ କିଏ କେଉଁ ଜାତିର ହେବ ତାହା ନିର୍ଣ୍ଣୟ କରିବା ପାଇଁ। ଅନ୍ୟଥା କେବଳ ପୂଜକ ଗୋଷ୍ଠୀ(ବ୍ରାହ୍ମଣ)କୁ ଛାଡି ଅନ୍ୟ ସମସ୍ତ ଜାତିର ସମାପ୍ତ କରାଯାଉ। ଯିଏ ପୂଜକ ବା ବ୍ରାହ୍ମଣ ହେବ ତାହା ଯୋଗ୍ୟତା ଭିତ୍ତିରେ ଚୟନ ହେଉ। ଯିଏ ବ୍ରାହ୍ମଣର କାର୍ଯ୍ୟ ଠୁଲାଇ ପାରିବ ତାକୁ ବ୍ରାହ୍ମଣର ଆଖ୍ୟା ଦିଆଯାଉ। ବଂଶାନୁକ୍ରମିକ ଭାବେ ବ୍ରାହ୍ମଣ ହେବା ପ୍ରକ୍ରିୟାକୁ ବନ୍ଦ କରାଯାଉ। ଏହାଦ୍ୱାରା ବଂଶାନୁକ୍ରମିକ ଜାତିପ୍ରଥାକୁ ରୋକାଯାଇ ପାରିବ। ଏବେ ବର୍ଣ୍ଣ ବା ଜାତି ଅନୁସାରେ ଅଧିକାଂଶ ଲୋକ କର୍ମ କରୁ ନାହାଁନ୍ତି। ତେଣୁ ବର୍ଣ୍ଣ ବା ଜାତି ତାର ଗୁରୁତ୍ୱ ହରାଇ ବସିଛି। ଯାହାର ବାସ୍ତବ ସ୍ଥିତି ନାହିଁ ତାକୁ ବଜାଇ ରଖିବାକୁ ଚେଷ୍ଟା କରିବା ଅସମୀଚିନ। ଜାତିପ୍ରଥାର ବିଲୋପ ଧ୍ୱନି ମନ୍ଦିରରୁ ଆରମ୍ଭ ହେଲେ ଏହା ନିଶ୍ଚୟ ସଫଳ ହେବ। ଏପରି ମନ୍ଦ ପ୍ରଥାର ଲୋପ ହେଉ।

ଦ୍ୱିତୀୟରେ ସରକାରୀ ସ୍ତରରେ କିଛି ଉପାଦେୟ ପଦକ୍ଷେପ ସଫଳତା ଆଣିବ। ସରକାର ପ୍ରତ୍ୟେକଙ୍କ କେଉଁ ଜାତି ତାହା ତାଙ୍କ ଜମିର ପଟ୍ଟାରେ ସୂଚୀତ କରିଛନ୍ତି। ଏହାକୁ ହଟାଯିବା ଉଚିତ୍। ସରକାର ପ୍ରତ୍ୟେକ କ୍ଷେତ୍ରରେ ଜାତିର ବ୍ୟବହାରକୁ ନିଷିଦ୍ଧ ଘୋଷଣା କରନ୍ତୁ। ତେବେ ଏଠାରେ ଉଲ୍ଲେଖ କରିବା ସମୀଚିନ ହେବ ଯେ ଏପରି ସରକାରୀ ପଦକ୍ଷେପ ଫଳପ୍ରଦ ହେବ ନାହିଁ ଯଦି ସାମାଜିକ ସ୍ତରରେ ଏହା କାର୍ଯ୍ୟକାରୀ ନହୁଏ। ଏହା ଦ୍ୱାରା ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗମାନେ ପାଉଥିବା ସଂରକ୍ଷଣ ସୁବିଧା ସୁଯୋଗ ଆଉ ପାଇବେ ନାହିଁ। ସମାଜରେ ଯେହେତୁ ଜାତିବ୍ୟବସ୍ଥା ରହିଛି ତେଣୁ ଜାତି ଜାତି ମଧ୍ୟରେ ସମାନତା ଆଣିବାପାଇଁ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି। ଯଦି ଜାତି ରହିବ ନାହିଁ ତେବେ ଜାତି ଭିତ୍ତିକ ସଂରକ୍ଷଣ କୋଉଠୁ ଆସିବ। ଏଦିଗରେ ପର୍ଯ୍ୟାୟକ୍ରମେ କାମ ହେବା ଉଚିତ। ଯେଉଁ ସଂରକ୍ଷିତ ବର୍ଗ ତଳେ ପଡ଼ିଛନ୍ତି ସେମାନଙ୍କ କ୍ଷୀପ୍ର ବିକାଶ ପାଇଁ କାମ ହେବା ଉଚିତ। ଜାତିପ୍ରଥାକୁ ଯଦି ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇ ପାରିବ ତେବେ ଏହାର ସାମାଜିକ ପ୍ରଭାବକୁ ହ୍ରାସ କରିବା ପାଇଁ ସଂରକ୍ଷିତ ବର୍ଗ ପରବର୍ତ୍ତେ ସଂରକ୍ଷିତ ପରିବାର ନିଆ ଯାଇପାରେ। ଏହି ପରିବାରଗୁଡ଼ିକର ବିକାଶ ହେଲାପରେ ଆଉ ସଂରକ୍ଷଣର ଆବଶ୍ୟକତା ପଡିବ ନାହିଁ।

ତୃତୀୟରେ ଜାତି ଜାତି ମଧ୍ୟରେ ବୈବାହିକ ସମ୍ପର୍କ ସ୍ଥାପନ ଜାତିପ୍ରଥାକୁ ହଟାଇବାକୁ ଯଥେଷ୍ଟ ସହାୟକ ହେବ। ଏବେ କିଛି ମାତ୍ରାରେ ଏହା ଚାଲିଛି। ତେବେ ଏହାକୁ ଆହୁରି ବ୍ୟାପକ କରିବାକୁ ପଡିବ। ଜାତି ଜାତି ମଧ୍ୟରେ ରୋଟି ଓ ବେଟିର ସମ୍ପର୍କ ଯେତେ ମଜଭୁତ ହେବ ଜାତିପ୍ରଥା ସେତେ ଦୁର୍ବଳ ହେବ। ସାଧାରଣତଃ ଦେଖାଯାଉଛି ଏହି ପ୍ରକାର ବିବାହ ପ୍ରେମ ବ୍ୟାପାର କ୍ଷେତ୍ରରେ ଅନୁଷ୍ଠିତ ହେଉଛି। କିଛି ପ୍ରଗତିଶୀଳ ପରିବାର ଏହାକୁ ଗ୍ରହଣକରି ନେଇଛନ୍ତି। ଏହିପ୍ରକାର ବିବାହ ପାଇଁ ଉଭୟ ସାମାଜିକ ଓ ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିବା ଉଚିତ। ଯେଉଁଦିନ ଜାତି ଜାତି ମଧ୍ୟରେ ଅନାୟାସରେ ବୈବାହିକ ସମ୍ପର୍କ ସ୍ଥାପିତ ହୋଇପାରିବ ସେହିଦିନ ଜାତିପ୍ରଥା ତାର ପ୍ରାସଙ୍ଗିକତା ହରାଇ ବସିଛି ବୋଲି ଧରିବାକୁ ହେବ। ସଂଖ୍ୟାଧିକ ଲୋକ ଏହି ପ୍ରକାର ବିବାହକୁ ଗ୍ରହଣ କରିପାରି ନାହାଁନ୍ତି। ଏହାକୁ ନେଇ ଅନର କିଲିଂ ହେଉଛି। ସାମାଜିକ ସ୍ତରରେ ଗଣ୍ଡଗୋଳ ମଧ୍ୟ ହେଉଛି। ଏଦିଗରେ ବ୍ୟାପକ ଜନ ସଚେତନତା ଜରୁରୀ। ସମସ୍ତ ମନୁଷ୍ୟ ସମାନ। ଜାତିବ୍ୟବସ୍ଥା ପ୍ରାକୃତିକ ସୃଷ୍ଟି ନୁହେଁ। ଏହା କେତେକ ଲୋକଙ୍କର ଚତୁର ସୃଷ୍ଟି ବୋଲି ଲୋକଙ୍କୁ ଅବଗତ କରାଇବାକୁ ହେବ। ଯେଉଁମାନେ ଆନ୍ତଃଜାତିକ ବିବାହ କରୁଛନ୍ତି ତାଙ୍କୁ ସମାଜରେ ସମ୍ମାନ ମିଳିବା ଉଚିତ୍। ଏମାନଙ୍କୁ ଚାକିରୀ ସମେତ ବିଭିନ୍ନ କ୍ଷେତ୍ରରେ ସରକାରୀ ସଂରକ୍ଷଣ ମଧ୍ୟ ମିଳିବା ଉଚିତ୍।

ଚତୁର୍ଥରେ ଜାତିସୂଚକ ସାଙ୍ଗିଆ ବା ଟାଇଟେଲର ପରିତ୍ୟାଗ ଜାତିପ୍ରଥାର ବିଲୋପ ଦିଗରେ ଅନେକ ସହାୟକ ହେବ। ଦେଶର ସଂଖ୍ୟାଧିକ ସାଙ୍ଗିଆ ଜାତିସୂଚକ। ସାଧାରଣରେ ଜଣକର ଟାଇଟେଲରୁ ଜଣାପଡ଼େ ସେ କେଉଁ ଜାତିର ବୋଲି। ଏହା ଅନେକ ସମୟରେ ପାତର ଅନ୍ତର, ଅନୁଗ୍ରହ ଅନାଗ୍ରହ, ଉଚ୍ଚନୀଚ ପରି ଅମାନବୀୟ ଭାବନା ଜାଗ୍ରତ କରେ। ଜଣେ ଜୀବନସାରା ହୁଏତ ଜାତିଗତ ସୁବିଧା ପାଏ କିମ୍ବା ଜାତିଗତ ତାଡ଼ନାର ଶୀକାର ହୁଏ। ଜଣେ ଜାତିବାଦୀ ଲୋକ କେବେବି ଜାତିଗତ ଟାଇଟେଲ ଛାଡିପାରିବ ନାହିଁ। ଜାତିରହିତ ସମାଜ କଥା ଚିନ୍ତା କରୁଥିବା ବ୍ୟକ୍ତି ନିଜର ଜାତିସୂଚକ ଟାଇଟେଲ ଛାଡି ପାରିବା। ଏବେ ବେଶ୍? କିଛି ପିଲା ଜାତି ସୂଚକ ଟାଇଟେଲ ଛାଡି ଦେଉଥିବାର ଦେଖିବାକୁ ମିଳୁଛି। ଏହା ଉତ୍ସାହଜନକ। ଏଦିଗରେ ସାମାଜିକ ଚେତନା ଜାଗ୍ରତ କରିବା ଲାଭଦାୟକ ହେବ। ସରକାର ମଧ୍ୟ ଜାତିସୂଚକ ଟାଇଟେଲର ବ୍ୟବହାରକୁ ବାରଣ କରିବା ଉଚିତ୍। ଏହା ସହିତ ଜାତିପ୍ରଥାକୁ ବଢାଇଲା ପରି କୌଣସି ଜାତିଗତ କାର୍ଯ୍ୟକ୍ରମକୁ ସରକାର ନିଷିଦ୍ଧ କରନ୍ତୁ। ଦେହରେ ଜାତିଗତ ଚିହ୍ନ ଧାରଣ କରିବା କୌଣସି ଗୋଟିଏ ଜାତିର ପେଟେଣ୍ଟ ବା ଏକଚାଟିଆ ଅଧିକାର ନହେଉ। ନିଜକୁ ଉନ୍ନତ ବୋଲି ଦେଖାଇ ହେବାର ସାମାଜିକ କାର୍ଯ୍ୟକଳାପକୁ ମଧ୍ୟ ବାରଣ କରାଯାଉ।

ବିଶ୍ୱ ମାନବ ସମାଜ କ୍ଷୀପ୍ରଭାବେ ଆଗକୁ ବଢ଼ିଚାଲିଛି। ଚନ୍ଦ୍ରରେ ପାଦ ଥାପିସାରି ମଙ୍ଗଳ ଗ୍ରହରେ ପାଦ ଥାପିବାର ଯୋଜନା କରୁଛି। ଏପରି ପରିସ୍ଥିତିରେ କୋଉ ପୁରୁଣା ବିଚାରଧାରାକୁ ନେଇ ଆମେ ଜାତିଗତଭାବେ କିଏ ବଡ ଓ କିଏ ସାନ ତାକୁ ଧରି ଝଗଡାରେ ମାତିବୁ। ଏବେ ସାମୁହିକ ସଂକଳ୍ପର ସମୟ ଆସିଛି। ସମସ୍ତେ ମିଳିତଭାବେ ଜାତିପ୍ରଥାର ସମାପ୍ତ କରିବା। ଆମ ପ୍ରାଚୀନ ସଭ୍ୟତାର ଚରମ ଉତ୍କର୍ଷତାକୁ ପୁନଃ ସ୍ଥାପନ କରିବା।

ଅଧ୍ୟାପକ ଗୋପବନ୍ଧୁ (ଅବସରପ୍ରାପ୍ତ),
ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ

ମୁଖାପିନ୍ଧା ସାଧୁ ସମାଜ

ଆଜିର ଆଧୁନିକ, ଶିକ୍ଷିତ ଓ ପ୍ରଗତିଶୀଳ ସମାଜରେ ଆମେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖୁଛୁ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶ ଯୋଗୁଁ ମଣିଷର ଜୀବନଶୈଳୀ ବଦଳିଛି ଏବଂ ବୌଦ୍ଧିକ ବିକାଶ ମଧ୍ୟ ଘଟିଛି। ମାତ୍ର ଏହି ସମସ୍ତ ସଫଳତା ସତ୍ତ୍ୱେ, ମାନବୀୟ ମୂଲ୍ୟବୋଧରେ କ୍ଷୟକ୍ଷତି ଘଟୁଥିବା ଭଳି କିଛି ନକାରାତ୍ମକ ମାନସିକତା ମଧ୍ୟ ସମାଜରେ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ସେଥିମଧ୍ୟରୁ ସବୁଠାରୁ ଗମ୍ଭୀର, ଚିନ୍ତାଜନକ ଓ ବ୍ୟାପକ ସାମାଜିକ ବ୍ୟାଧି ହେଉଛି 'ପରଦୋଷଦର୍ଶୀ' ମାନସିକତା। ଆମ ସମାଜରେ ବର୍ତ୍ତମାନ ଏଭଳି ଅନେକ ଲୋକ ଅଛନ୍ତି, ଯେଉଁମାନେ ନିଜ ଭିତରେ ଥିବା ଅସଂଖ୍ୟ ଭୁଲ୍, ତ୍ରୁଟି କିମ୍ବା ଚରିତ୍ରଗତ ଦୁର୍ବଳତାକୁ କେବେହେଲେ ଦେଖନ୍ତି ନାହିଁ କିମ୍ବା ତାହାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ। କିନ୍ତୁ ଯେତେବେଳେ ଅନ୍ୟ କାହାର ସାମାନ୍ୟ ଦୋଷ ବା କୌଣସି ଦୁର୍ବଳତା ସେମାନଙ୍କ ନଜରକୁ ଆସେ, ସେମାନେ ସଙ୍ଗେ ସଙ୍ଗେ ସେହି କଥାକୁ ନେଇ କଟୁ ସମାଲୋଚନା କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସମାଜରେ ବଦନାମ କରିବା ପାଇଁ ତତ୍ପର ହୋଇଉଠନ୍ତି।

ଏହି ଶ୍ରେଣୀର ଲୋକମାନେ ବାହାରକୁ ନିଜକୁ ଅତ୍ୟନ୍ତ ସଚ୍ଚୋଟ, ଆଦର୍ଶବାଦୀ, ନ୍ୟାୟୀ ଏବଂ ଜଣେ ଜଣେ ନିଷ୍ପଳଙ୍କ ବ୍ୟକ୍ତିତ୍ୱ ଭାବେ ଉପସ୍ଥାପିତ କରିବାକୁ ସଦାସର୍ବଦା ଚେଷ୍ଟା କରନ୍ତି। ସେମାନେ ଅନ୍ୟମାନଙ୍କ ଆଗରେ ଏପରି ଅଭିନୟ କରନ୍ତି ଯେପରି ସେମାନଙ୍କ ଠାରୁ ଭଲ ମଣିଷ ଏ ଦୁନିଆରେ କେହି ନାହାନ୍ତି। ମାତ୍ର ବାସ୍ତବତା ହେଉଛି, ଆଜିର ସମାଜରେ ଥିବା ସଚେତନ, ବୁଦ୍ଧିଜୀବୀ ଓ ସାଧାରଣ ନାଗରିକମାନେ ସେମାନଙ୍କର ଏହି କପଟତା, ବାସ୍ତବ ସ୍ୱରୂପ ଏବଂ ଚରିତ୍ର ବିଷୟରେ ବେଶ୍? ଭଲଭାବେ ଅବଗତ ଥାଆନ୍ତି। ମୁଖା ପିନ୍ଧି ସମାଜରେ ବୁଲୁଥିବା ଏହି ବ୍ୟକ୍ତିମାନଙ୍କର ସବୁଠାରୁ ବଡ଼ ଦୁର୍ଗୁଣ ହେଉଛି, ସେମାନେ କୌଣସି ଘଟଣାର ସତ୍ୟାସତ୍ୟ କିମ୍ବା ତା' ପଛରେ ଥିବା ପ୍ରକୃତ ପୃଷ୍ଠଭୂମି ଜାଣିବାକୁ ଆଦୌ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ସେମାନଙ୍କର ଏକମାତ୍ର ମୁଖ୍ୟ ଉଦ୍ଦେଶ୍ୟ ଥାଏ କିପରି ଅନ୍ୟ ଜଣକୁ ସମାଜ ଆଗରେ ହେୟଜ୍ଞାନ କରାଯିବ, କାହାକୁ ନୀଚ ଦେଖାଯିବ ଏବଂ ନିଜର ଅହଂଭାବ ଓ ସଂକୀର୍ଣ୍ଣ ମାନସିକତାକୁ ସନ୍ତୁଷ୍ଟ କରାଯାଇପାରିବ।

ସାମାନ୍ୟ ଶୁଣାକଥା, ଗୁଜବ ବା ମନଗଢ଼ା କାହାଣୀକୁ ଆଧାର କରି ସେମାନେ ସମାଜରେ ମିଥ୍ୟା ଖବରର ପ୍ରଚାର ଓ ପ୍ରସାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ବର୍ତ୍ତମାନର ଆଧୁନିକ ଡିଜିଟାଲ ଓ ସୋସିଆଲ ମିଡିଆ ଯୁଗରେ ଏହି ପ୍ରବୃତ୍ତି ଆହୁରି ଭୟାନକ ତଥା ମାରାତ୍ମକ ରୂପ ଧାରଣ କରିଛି। ବିନା କୌଣସି ପ୍ରମାଣରେ କାହାର ଚରିତ୍ର ସଂହାର କରିବା, କାହାର ବ୍ୟକ୍ତିଗତ ଜୀବନକୁ ନେଇ କଟୁ ଟିପ୍ପଣୀ ଦେବା ଏବଂ ଗୁଜବ ସୃଷ୍ଟି କରି ସମାଜରେ ଭେଦଭାବ ଓ ଅଶାନ୍ତି ସୃଷ୍ଟି କରିବା ଏମାନଙ୍କ ପାଇଁ ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। ଏଭଳି କାର୍ଯ୍ୟ କେବଳ ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କର ମାନସିକ ସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ଆଘାତ ପହଞ୍ଚାଏ ନାହିଁ, ବରଂ ସମଗ୍ର ସାମାଜିକ ବାତାବରଣକୁ ମଧ୍ୟ ବିଷାକ୍ତ କରିଦିଏ। ଏହା ଏକ ପ୍ରକାର ମାନସିକ ହିଂସା, ଯାହା ଶାରୀରିକ ହିଂସା ଠାରୁ ମଧ୍ୟ ଅଧିକ ବିପଜ୍ଜନକ।

ନିଜର ଶହେ ଭୁଲକୁ ଲୁଚାଇ ଅନ୍ୟ ଉପରେ ସହଜରେ ଆଙ୍ଗୁଠି ଉଠାଉଥିବା ଏହି ଲୋକମାନେ ଆମର ଆଗାମୀ ପିଢ଼ି ପାଇଁ ଏବଂ ସମଗ୍ର ସମାଜ ପାଇଁ ଏକ ଅତ୍ୟନ୍ତ ଖରାପ ଓ ନକାରାତ୍ମକ ବାର୍ତ୍ତା ପ୍ରଦାନ କରନ୍ତି। ଏହାଦ୍ୱାରା ପରସ୍ପର ପ୍ରତି ଥିବା ପାରିବାରିକ ବିଶ୍ୱାସ, ସହାନୁଭୂତି, ସମ୍ମାନ ଓ ସହଯୋଗର ଭାବନା ଧୀରେ ଧୀରେ ହ୍ରାସ ପାଇଥାଏ। ଯେଉଁ ସମାଜରେ ସମାଲୋଚନା କେବଳ ଅନ୍ୟକୁ ବଦନାମ କରିବା ଏବଂ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ କରାଯାଏ, ସେଠାରେ କୌଣସି ପ୍ରକାର ଗଠନମୂଳକ ପରିବର୍ତ୍ତନ ବା ବିକାଶ ଆଦୌ ସମ୍ଭବ ହୋଇପାରେ ନାହିଁ। ବାସ୍ତବରେ, ସୁସ୍ଥ ଓ ନିରପେକ୍ଷ ସମାଲୋଚନାର ଏକ ସକାରାତ୍ମକ ଦିଗ ରହିଛି, ଯାହା ମଣିଷକୁ ନିଜର ତ୍ରୁଟି ସଂଶୋଧନ କରି ଆଗକୁ ବଢ଼ିବାର ଏକ ସୁଯୋଗ ଦେଇଥାଏ। କିନ୍ତୁ ଯେତେବେଳେ ସମାଲୋଚନା ପଛରେ କେବଳ ଈର୍ଷା, ଅସୂୟା, ମିଥ୍ୟାଚାର ଏବଂ କାହାକୁ ସାମାଜିକ ସ୍ତରରେ ଅପଦସ୍ଥ କରିବାର ଅଭିସନ୍ଧି ଲୁଚି ରହିଥାଏ, ତାହା ସମାଜ ପାଇଁ ଏକ ମହାମାରୀ ଭଳି ଅଭିଶାପ ସଦୃଶ ହୋଇଯାଏ।

ତେଣୁ, ଏକ ସୁସ୍ଥ, ଶାନ୍ତିପୂର୍ଣ୍ଣ ଓ ପ୍ରଗତିଶୀଳ ସମାଜ ଗଠନ ପାଇଁ ଏଭଳି ନକାରାତ୍ମକ ମାନସିକତା ସମ୍ପନ୍ନ ବ୍ୟକ୍ତିଙ୍କ ଠାରୁ ଦୂରରେ ରହିବା ଏକାନ୍ତ ଆବଶ୍ୟକ। ସମାଜର ପ୍ରତ୍ୟେକ ବ୍ୟକ୍ତି ଏଭଳି ମାନସିକତାକୁ ପ୍ରଶ୍ରୟ ନଦେବା ଏବଂ ସେମାନଙ୍କ ଦ୍ୱାରା ପ୍ରଚାରିତ ମିଥ୍ୟା କଥା କିମ୍ବା ଗୁଜବକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବା ଉଚିତ୍। ଜଣେ ଦାୟିତ୍ୱବାନ ଓ ସଚେତନ ନାଗରିକ ଭାବେ ଆମର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ୍? ଯେ, ଆମେ ଅନ୍ୟର ସମାଲୋଚନା କରିବା କିମ୍ବା କାହାକୁ ଦୋଷୀ ସାବ୍ୟସ୍ତ କରିବା ପୂର୍ବରୁ ନିଜ ଭିତରକୁ ଥରେ ଚାହିଁବା ଏବଂ ନିଜର ଆତ୍ମସମୀକ୍ଷା କରିବା ଆବଶ୍ୟକ। ଯେ ପର୍ଯ୍ୟନ୍ତ ଆମେ ଅନ୍ୟର ଦୋଷ ଖୋଜିବା ପରିବର୍ତ୍ତେ ନିଜର ଆଚରଣ, ଚରିତ୍ର ଓ ସଂକୀର୍ଣ୍ଣ ଚିନ୍ତାଧାରାରେ ସୁଧାର ନଆଣିଛୁ, ସେ ପର୍ଯ୍ୟନ୍ତ ଏକ ସୁସ୍ଥ ଓ ଆଦର୍ଶ ସମାଜର ପରିକଳ୍ପନା କେବଳ ଏକ ସ୍ୱପ୍ନ ହୋଇ ରହିଯିବ। ଅନ୍ୟକୁ ବଦଳାଇବା ପୂର୍ବରୁ ନିଜକୁ ବଦଳାଇବା ହିଁ ପ୍ରକୃତ ସାମାଜିକ ସଂସ୍କାର।

ଅଖିଳ ତରାଇ, ଗଞ୍ଜାମ

ତତ୍ତ୍ୱଶୋଧ

ଯେ ପର୍ଯ୍ୟନ୍ତ ମହର୍ଷି ଦଧୀଚିଙ୍କର ଧର୍ମପତ୍ନୀ ଭଗବତୀ ବେଦବତୀଙ୍କର ଉପସ୍ଥିତି ରହିଥିଲା, ସେ ପର୍ଯ୍ୟନ୍ତ ତାଙ୍କ ଆଶ୍ରମକୁ ପ୍ରବେଶ କରିବା ଇନ୍ଦ୍ରଙ୍କ ଭଳି ମହାବଳୀ ଦେବତାଙ୍କ ପାଇଁ ବି କଠିନ ଥିଲା । ଇନ୍ଦ୍ର ସମସ୍ତଙ୍କ ନିକଟରେ ଲୁଚି ପାରୁଥିଲେ କିନ୍ତୁ କୃତୀଙ୍କର ଅପୂର୍ବ ତେଜ ଆଗରେ ଛଦ୍ମବେଶ ଧାରଣ କରିବା ତାଙ୍କ ପାଇଁ ସମ୍ଭବ ହୋଇ ନ ଥିଲା । ବେଦବତୀ ଜଳ ଆଣିବା ପାଇଁ ବାହାରକୁ ବାହାରିଲେ, ସେତେବେଳେ ଇନ୍ଦ୍ର ଆଶ୍ରମକୁ ପ୍ରବେଶ କଲେ ଏବଂ ମହର୍ଷି ଦଧୀଚିଙ୍କ ନିକଟରେ ଅସ୍ଥିଦାନର ଯାଚନା କରି ତାହାକୁ ନେଇ ଯାଇଥିଲେ । ବେଦବତୀ ଆଶ୍ରମକୁ ଫେରିବା ପୂର୍ବରୁ ଅସ୍ଥିଦାନ କାର୍ଯ୍ୟ ସମ୍ପନ୍ନ ହୋଇ ଯାଇଥିଲା । ମହର୍ଷି ଦଧୀଚି ବୃତ୍ରାସୁରକୁ ମାରିବା ଉଦ୍ଦେଶ୍ୟରେ ବଜ୍ର ତିଆରି କରିବା ପାଇଁ ନିଜର ଅସ୍ଥିଦାନ କରି ସାରିଥିଲେ, ତାଙ୍କର ପ୍ରାଣ ଚାଲିଯାଇଥିଲା । ବେଦବତୀ ଗୋଟିଏ ମୂହୁର୍ତ୍ତରେ ସମସ୍ତ ସ୍ଥିତିକୁ ଅନୁମାନ କରିନେଲେ । ସେ ଇନ୍ଦ୍ରଙ୍କୁ ଅଭିଶାପ ଦେବାକୁ ଯିବା ସମୟରେ ଦିବ୍ୟ ଦେହଧାରୀ ମହର୍ଷି ତାଙ୍କୁ ପରାବାଣୀ ମାଧ୍ୟମରେ ବୁଝାଇଲେ, 'ଭଦ୍ରେ ! ଦେବତ୍ୱର ରକ୍ଷା ପାଇଁ ମୁଁ ସ୍ୱେଚ୍ଛାକୃତ ଭାବରେ ନିଜର ଅସ୍ଥିଦାନ କରିଛି । ଏବେ ତୁମ ପାଇଁ ଏହା ଉଚିତ ହେବ ଯେ, ଅଭିଶାପ ନ ଦେଇ ଗର୍ଭରେ ବଢୁଥିବା ଆତ୍ମାକୁ ଏପରି ଭାବରେ ନିର୍ମାଣ କର, ଯେପରି 'ତତ୍ତ୍ୱଶୋଧ' ଉଦ୍ଦେଶ୍ୟରେ ମୋର ସାଧନା ଅସମ୍ପୂର୍ଣ୍ଣ ରହିବ ନାହିଁ ।' 'ଆପଣଙ୍କ ଆଜ୍ଞା ଶିରୋଧାର୍ଯ୍ୟ ହେ ଦେବ !' ଏହା କହି ବେଦବତୀ ତପଶ୍ଚର୍ଯ୍ୟାରେ ସଂଲଗ୍ନ ହୋଇଗଲେ । ଇତିହାସ ସାକ୍ଷୀ ଅଛି ଯେ, ନିଜ ଗର୍ଭରୁ ପିପ୍ପଳାଦଙ୍କ ପରି ମହାନ୍ ଋଷିଙ୍କୁ ଉପନ୍ନ କରି ସେ ପତିଙ୍କର ଏହି ଅନ୍ତିମ କାମନାକୁ ମଧ୍ୟ ପୂରା କରିଥିଲେ ।

(ସୌଜନ୍ୟ : ଅଖଣ୍ଡ ଜ୍ୟୋତି)

ଝିଅଟିର ନାମ ଲୋପାମୁଦ୍ରା।

କଲେଜ ରେ ପଢିଲା ବେଳେ ପ୍ରତାପ ର ଯାହା ସଙ୍ଗେ ପ୍ରେମ ହୋଇଥିଲା ତାର ନାମ ଥିଲା ଲୋପାମୁଦ୍ରା । ।ସମୟର ହାର ଜିତ ରେ ଲୋପାମୁଦ୍ରାକୁ ହରେଇ ଆଜି ବୟସର ମଧ୍ୟାହ୍ନରେ ପ୍ରତାପ ସମୟର ସାଗର ତୀରେ ବସି ଏକାନ୍ତରେ ଅତୀତର ସ୍ମୃତି ରୋମନ୍ଥନ କରି ଚାଲିଥାଏ । ସମୟର ସାଗର ତୀରେ ବିତି ଯାଇଥିବା ଘଟଣାକୁ ମନେ ପକାଇ ସ୍ମୃତିର ଢେଉକୁ ନୀରବରେ ଗଣି ଚାଲିଥାଏ ପ୍ରତାପ । ମନେପଡେ ସ୍କୁଲ୍? ଜୀବନର ସାଥୀ ସାଙ୍ଗ ମଉଜ ମଜଲିସ୍? ର ଦିନ ଗୁଡାକ । ସମୟ ସ

ରାଜରାସ୍ତାରେ ଚାଲିଛି ରବି ମଣ୍ଡି, ଆନ୍ଧ୍ରକୁ ବେଧଡକ ଚାଲାଣ ହେଉଛି ଧାନ

ରାୟଗଡା,୧୨।୬(ଆନିସ) ରାୟଗଡା ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ପଦ୍ମପୁର ବ୍ଲକରେ ରାଜ ରାସ୍ତାରେ ଚାଲିଛି ମଣ୍ଡି । ସରକାରୀ ବ୍ୟବସ୍ଥାକୁ ଫୁ କରିଦେଇଛନ୍ତି ମିଲର । ରବି ଋତୁରେ ଉତ୍ପାଦିତ ଧାନ ଆଉ ମଣ୍ଡିକୁ ଯାଉନି ବରଂ ଏହା ସିଧାସଳଖ ଚାଲାଣ ହେଉଛି ପଡୋଶି ରାଜ୍ୟ ଆନ୍ଧ୍ର ପ୍ରଦେଶକୁ । ଆନ୍ଧ୍ର ପ୍ରଦେଶ ରେଜିଷ୍ଟ୍ରେସନ ହୋଇଥିବା ଟ୍ରକରେ ରବି ଧାନ ବେଧଡକ ଚାଲାଣ ହେଉଥିବା ଚାଷି ପ୍ରକାଶ କରିଛନ୍ତି । ପ୍ରତିଦିନ ଟନ ଟନ ଧାନ ଦିନକୁ ପ୍ରାୟ ୧୫ଟି ଟ୍ରକ ମାଧ୍ୟମରେ ଆନ୍ଧ୍ର ପ୍ରଦେଶ ଯାଉଛି । ପଦ୍ମପୁର ରାଜ ରାସ୍ତାରେ ଖୁଲମ ଖୁଲା ଚାଲିଛି ରବି ଧାନ ଚାଲାଣ । ଚାଷି ମାନେ ବାଧ୍ୟ ହୋଇ ମିଲର ହାତରେ ଟେକି ଦେଉଛନ୍ତି ଧାନ ଏପରିକି ଚାଷିଙ୍କୁ ମିଳୁନି ସରକାରଙ୍କ ଘୋଷିତ ମୂଲ୍ୟ । ମାତ୍ର ୨ହଜାର ଟଙ୍କାରେ ଏକ କ୍ୱିଣ୍ଟାଲ ଧାନ କୌଣସି ମଣ୍ଡିକୁ ନଯାଇ ସିଧାସଳଖ ଆନ୍ଧ୍ରକୁ ଯାଉଛି । ମିଲର ମାନେ କ୍ୱିଣ୍ଟାଲ ପିଛା ୧ହଜାର ଟଙ୍କା ଘରେ ବସି ଲାଭ ପାଉଥିବା ଜଣେ ଚାଷି ନୀଳ ଗୌଡ କହିଛନ୍ତି । ମିଲର ମାନଙ୍କ ଦୌରାତ୍ମ ଏପରିଯେ ଚାଷି ମାନେ ଚାହିଁଲେ ମଧ୍ୟ ସରକାରଙ୍କ ନିୟମ ଅନୁଯାୟି ମଣ୍ଡିକୁ ଆଣି ଧାନ ବିକ୍ରୀ କରିପାରିବେ ନାହିଁ । ସୂଚନାର

ଜଣାପଡିଛି ରବି ଉତ୍ପାଦିତ ରବି ମିଲିଂ କରିଲେ ସେଥିରୁ ଚାଉଳ ଗୁଣ୍ଡ ହୋଇଯିବାର ସଂଭାବନା ଅଧିକା ରହୁଛି । ରାୟଗଡା ଜିଲ୍ଲାରେ ଜନସାଧାରଣ ଅରୁଆ ଚାଉଳ ଖାଉଥିବା ବେଳେ ଉଷୁନା ଧାନ ମିଲିଂ କରିବା ପାଇଁ ମିଲ ନାହିଁ । ଏଥିରୁ ଫାଇଦା ନେଉଛନ୍ତି ମିଲର । ମିଲର ଗୋଟିଏ ପ୍ରକାର ବ୍ଲାକ ମେଲ କରି ଚାଷିଠୁ ଧାନ ନେଇ ଆନ୍ଧ୍ର ଚାଲାଣ କରୁଛନ୍ତି ମିଲର । ଚଳିତ ରବି ଋତୁରେ ଜିଲ୍ଲାରେ ମୋଟ ୭୧୬୫.୯୧ ଏକର ଜମିରେ ଧାନ ଚାଷ ହୋଇଥିବା ବେଳେ ପ୍ରାୟ ୧,୫୮,୧୭୭.୭୫ କ୍ୱିଣ୍ଟାଲ ଧାନ ଉତ୍ପାଦନ ହେବାକୁ ଆକଳନ କରାଯାଇଛି। ପଦ୍ମପୁର ବ୍ଲକରେ ସର୍ବାଧିକ ୫୧୮୯.୧୦ ଏକର ଚାଷ ହୋଇଥିବା ବେଳେ ୧,୧୫,୫୦୧.୫୮ କ୍ୱିଣ୍ଟାଲ ଧାନ ଉତ୍ପାଦନ ହେବ ବୋଲି କୃଷି ବିଭାଗ ଆକଳନ କରିଥିଲା । ଗୁଡାରି, ମୁନିଗୁଡା, ରାମନଗୁଡା ଓ କାଶିପୁର ଭଳି ବ୍ଲକଗୁଡିକରେ ମଧ୍ୟ ଚଳିତ ରବି ଋତୁରେ ଅଧିକା ଉତ୍ପାଦନ ହେବା ନେଇ ଆକଳନ କରିଥିଲା କୃଷି ବିଭାଗ । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣି ଚାଷୀମାନଙ୍କୁ ସୁବିଧା ଦେବା ନିମନ୍ତେ ଧାନ କ୍ରୟ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସମୟବଦ୍ଧ କରିବା ନିମନ୍ତେ ଗୁରୁତ୍ବାରୋପ କରିବା ସହ ମଣ୍ଡିଗୁଡିକର ଅବସ୍ଥା ଉନ୍ନତି ପାଇଁ ତୁରନ୍ତ ମରାମତି କାର୍ଯ୍ୟ ପାଇଁ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହାସହିତ ମଣ୍ଡିରେ ଆବଶ୍ୟକ ଭିତ୍ତିଭୂମି, ପାନୀୟଜଳ, ଆଲୋକ ବ୍ୟବସ୍ଥା ଓ ଚାଷୀ ସୁବିଧାକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ଜୋର ଦେଇଥିଲେ। ପ୍ରକୃତପକ୍ଷରେ ଚଳିତ ରବି ଋତୁରେ ନାମକୁ ମାତ୍ର ମଣ୍ଡି ପ୍ରକିୟା ଚାଲିଛି । ରାୟଗଡା ଉପଖଣ୍ଡରେ ମେ ୨୦ ତାରିଖ ଠାରୁ ଓ ଗୁଣୁପୁର ସବଡ଼ିଭିସିଜନ ମେ ୨୭ ତାରିଖ ଠାରୁ ଆରମ୍ଭ ହୋଇଥିଲା । ସରକାର ଚାଷିଙ୍କ ପାଇଁ ସାର,ୟୁରିଆ ଠୁ ଆରମ୍ଭ କରି କୋଟି କୋଟି ଟଙ୍କା ଏସ ଏସ ପି ବାଦେ ବୋନସ ମଧ୍ୟ ଦେଉଛନ୍ତି । ଗତ ୨ ବର୍ଷ ହେଲା ପଦ୍ମପୁର ବ୍ଲକ ବଡନାଳ ଜଳସେଚନ ପ୍ରକଳ୍ପର କେନାଲ ମାଧ୍ୟମରେ ରବି ଋତୁରେ ପାଣି ଯୋଗାଇ ଦିଆଯାଇନଥିଲା କିନ୍ତୁ ଚଳିତ ବର୍ଷ ପାଣି ଯୋଗାଇ ଦିଆଯାଇଥିଲା । ଫଳରେ ଚଳିତ ରବି ଋତୁରେ ପ୍ରଚୁର ପରିମାଣରେ ଧାନ ପଦ୍ମପୁର,ଗୁଡାରି ଓ ରାମନାଗୁଡା ବ୍ଲକରେ ଉତ୍ପାଦିତ ହୋଇଛି । ଚଳିତ ବର୍ଷ ରବି ଋତୁରେ ୨୨୦୯ ଜଣ ଚାଷି ପଞ୍ଜିକରଣ କରିଥିବା ବେଳେ ପଦ୍ମପୁରର ୧୩୦୦ରୁ ଉର୍ଦ୍ଧ୍ୱ ଚାଷି ପଞ୍ଜିକରଣ କରିଛନ୍ତି । ବର୍ତମାନ ସୁଦ୍ଧା ୫୭୧ ଚାଷିଠୁ ୪୦ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବା ସୂଚନାରୁ ଜଣାପଡିଛି ।

୨୫ କେଜି ଗଂଜେଇ ଜବତ ସହ ୨ ଗିରଫ

ମାଲକାନଗିରିରେ,୧୨।୬ (ଆନିସ): ମାଲକାନଗିରି ଆଦର୍ଶ ଥାନା ପୋଲିସ ପକ୍ଷରୁ ଗଞ୍ଜେଇ ଚୋରାଚାଲାଣ କରୁଥିବା ୨ ଯୁବକଙ୍କୁ ଗିରଫ କରିଛି। ଗତକାଲି ସକାଳ ୧୧ଟା ସମୟରେ ସହରର ଚମ୍ପାଖାରି ଚେକ୍ ପୋଷ୍ଟ ନିକଟରେ ଦ୍ରୁତ ଗତିରେ ଯାଉଥିବା ଏକ ମଟରସାଇକେଲ କୁ ପୂର୍ବ ସୂଚନା ଆଧାରରେ ପୋଲିସ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ କରିବାରୁ ମଟରସାଇକେଲ ରୁ ୨୫.୪୦୦ କିଲୋଗ୍ରାମ ଗଞ୍ଜେଇ ପୋଲିସ ଜବତ କରିଛି। ଜବତ୍ ଗଞ୍ଜେଇ ର ଆନୁମାନିକ ମୂଲ୍ୟ ୨.୫ଲକ୍ଷ ଟଙ୍କା ହେବ ବୋଲି ପୋଲିସ୍ ପକ୍ଷରୁ ସୂଚନା ଦେଇଛନ୍ତି। ଏହି ଘଟଣାରେ ଗଞ୍ଜେଇ ସହିତ ଗୋଟିଏ ମଟରସାଇକେଲ ସମେତ ୨ ଯୁବକଙ୍କୁ ପୋଲିସ ଗିରଫ କରିଛି। ଉଭୟ ଯୁବକ ମାଲକାନଗିରି ଜିଲ୍ଲା କାଲିମେଳା ଅଞ୍ଚଳର ଜଣେ ହେଉଛନ୍ତି ପ୍ରଶାନ୍ତ ବିଶ୍ୱାସ (୨୪) ଗାଁ ଏମପିଭି-୧୩ ଅନ୍ୟ ଜଣେ ବିଶ୍ୱଜିତ ବେପାରୀ ଗାଁ ଏମପିଭି-୮ (୨୪) ଉଭୟଙ୍କର ବର୍ତ୍ତମାନ ଠିକଣା ସୁକମା ଜିଲ୍ଲା କୁମାର୍ ରାସ୍ତା । ମାଲକାନଗିରିରୁ ଗଞ୍ଜେଇ ନେଇ ଅନ୍ୟ ରାଜ୍ୟକୁ ଚଢ଼ା ଦରରେ ବିକ୍ରି କରିଥାନ୍ତା ଏମାନେ ତେବେ ମାଲକାନଗିରି ମଡେଲ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରି ଏସ ଆଇ କୃତିବାସ ବେହେରାଙ୍କ ନେତୃତ୍ୱରେ ଅନ୍ୟ ସହଯୋଗୀଙ୍କ ଉପସ୍ଥିତରେ ଗଞ୍ଜେଇ ଚୋରାଚାଲାଣକାରୀ ଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇଛି। ଉଭୟଙ୍କ ନାଁରେ ମାଲକାନଗିରି ଥାନାରେ ଏନଡିପିଏସ କେସ୍ ନପ୍ତର-୩୪୨ ୧୦/୦୬/୨୬ ଧାରା ଅଧୀନରେ ୨୦(ବି) (ii)(ସି) ୨୫/୨୯ ଅନୁଯାୟୀ କେସ୍ ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

ବାଧ୍ୟତାମୂଳକ ଅବସର ପ୍ରଦାନ କୁ ନେଇ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଲା ସଂଘ

ଜୟପୁର,୧୨।୬ (ଆନିସ): କୋରାପୁଟ ଜିଲ୍ଲା ବୈପାରିଗୁଡା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀ ୱାଇ ଶ୍ରୀନିବାସ ରାଓ ଙ୍କୁ ବାଧ୍ୟତାମୂଳକ ଅବସର ଦେଲେ ମାନ୍ୟବର ଜିଲ୍ଲାପାଳ ମହୋଦୟ କୋରାପୁଟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଦେଶ ପତ୍ର ସଂଖ୍ୟା ୨୦୬୫ ତା ୧୦.୦୬.୨୦୨୬ ରିଖ ରେ ବିଭାଗୀୟ ଅଧିକାରୀ ୱାଇ ଶ୍ରୀନିବାସ ରାଓ ଙ୍କୁ ୧୦.୦୬.୨୦୨୬ ତାରିଖରୁ ସରକାର ଙ୍କ ଆଦେଶ ମୁତାବକ ଚାକିରୀରୁ ଅବସର ଦିଆ ଯାଇଥିବା ଦର୍ଶାଯାଇଛି ତତ୍ ସହିତ ଏହାର ନକଲ ସମସ୍ତ ଉଚ୍ଚ କତୃପକ୍ଷଙ୍କୁ ଦିଆଯାଇଛି, ୧୦ ତାରିଖ ସୁଦ୍ଧା ଶ୍ରୀ ରାଓ ଙ୍କୁ ୫୦ ବର୍ଷ ହୋଇଥିବା ଓ ସେ ୩୦ ବର୍ଷ ଧରି ଚାକିରି କରିଥିବା ଉକ୍ତ ଆଦେଶ ପତ୍ର ରେ ଦର୍ଶାଯାଇଛି, ଉକ୍ତ ଆଦେଶ ପତ୍ର କୁ ନେଇ ସମସ୍ତ କର୍ମଚାରୀ ଖୁସି ବ୍ୟକ୍ତ କରୁଥିବା ଶଶୀଭୂଷଣ ଦାଶ୍ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲ। ସଂଘ ଗଣ ମାଧ୍ୟମକୁ ସୁଚନା ଦେବା ସହିତ ମାନ୍ୟବର ଜିଲ୍ଲାପାଳ ମହୋଦୟ କୋରାପୁଟ ଙ୍କୁ ଧନ୍ୟବାଦ୍ ଅର୍ପଣ କରି କୃତଜ୍ଞତା ଜ୍ଞାପନ କରିଛନ୍ତି, ଯେଉଁ କର୍ମଚାରୀ କାର୍ଯ୍ୟ ରେ ଅବହେଳା କରେ କିମ୍ବା ଅକ୍ଷମ ତାଙ୍କୁ ବାଧ୍ୟତାମୂଳକ ଅବସର ଦେବା ସରକାର ଙ୍କ ନିୟମ ରହିଛି ତେଣୁ ଶ୍ରୀ ରାଓ ଙ୍କ କ୍ଷେତ୍ରରେ ମାନ୍ୟବର ଜିଲ୍ଲାପାଳ ମହୋଦୟ ଉଚିତ୍ ପଦକ୍ଷେପ ନେଇଥିବା ଶ୍ରୀ ଦାଶ୍ କହିଛନ୍ତି, ଶ୍ରୀ ରାଓ ଜଣେ ଜଟିଳ କୁଳିଳ ମସ୍ତିଷ୍କ ବାଲା ବ୍ୟକ୍ତି ସବୁ ବେଳେ ସିଏ ବିବାଦରେ ରହୁଥିଲେ କାର୍ଯ୍ୟାଳୟ କର୍ମଚାରୀ ମାନଙ୍କ ଠାରୁ ଆରମ୍ଭ କରି ଅଧିକାରୀ ମାନଙ୍କ ସହିତ ଲାଗିବା ତାଙ୍କର ଦୈନନ୍ଦିନ ଘଟଣା ହେଉଥିଲା ତତ୍ ସହିତ କାର୍ଯ୍ୟ ରେ ଅବହେଳା କରୁଥିଲେ ଯେଉଁଠି କି ବଦଳି ହେଲେ ମଧ୍ୟ ସେ କୋରାପୁଟ ରେ ରହୁଥିଲେ । ଅଧିକାରୀ ଙ୍କୁ ଧମକ ଚମକ ଦେଇ ପ୍ରାୟତଃ କାର୍ଯ୍ୟାଳୟ କୁ ଯାଉ ନଥିବା ଶ୍ରୀ ଦାଶ୍ ପ୍ରକାଶ କରିଛନ୍ତି, ଦିର୍ଘ ୩୦ ବର୍ଷର ଚାକିରି କାଳରେ ୫ ବର୍ଷ ଚାକିରି କରିଥିବେ କି ନାହିଁ ସନ୍ଦେହ ବୋଲି ଶ୍ରୀ ଦାଶ୍ କହିଛନ୍ତି, ତାଙ୍କ ବିରୁଦ୍ଧରେ ବହୁତ ଗୁଡ଼ିଏ ଅଭିଯୋଗ ମଧ୍ୟ ରହିଥିବା ସୁଚନା ମିଳିଛି, ଜଣେ ରାଜସ୍ୱ ଅମଲା ହୋଇଥିବା ସତ୍ତ୍ୱେ ରାଜସ୍ୱ ଅମଲା ସଂଘ ରୁ ବିତାଡିତ ହୋଇ ଓଡ଼ିଶା ଅମଲା ସଂଘ ରେ ଯୋଗଦାନ କରିଥିଲେ । ଓଡ଼ିଶା ଅମଲା ସଂଘ ର ରାଜ୍ୟ ନେତୃବୃନ୍ଦ ଶ୍ରୀ ରାଓ ଙ୍କୁ ଓଡ଼ିଶା ଅମଲା ସଂଘ ର ଅସ୍ଥାୟୀ ଅଧ୍ୟକ୍ଷ ଦାୟିତ୍ୱ ଦେଇଥିଲେ ସେଠି ରହି ସଂଘ କୁ କଳୁଷିତ ଦୂଷିତ କରିଦେବା ଯୋଗୁଁ ଜିଲ୍ଲା ସଂଘ ର ନିଷ୍ପତ୍ତିକୁ ନେଇ ତାଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ରୁ ବାହାର କରିବା ସହିତ ସଂଘ ର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ କରାଯାଇଥିବା ଶ୍ରୀ ଦାଶ୍ ସୁଚନା ଦେଇଛନ୍ତି, ଓଡ଼ିଶା ସରକାରଙ୍କ ଗୃହ ବିଭାଗ ସଚିବ ଙ୍କ ଆଦେଶକୁ ଅବମାନନା କରି ଓଡ଼ିଶା ଅମଲା ସଂଘ ର ତ୍ରୟୋବାର୍ଷିକି ସମ୍ମିଳନି ରେ ଯୋଗଦାନ କରିବା ନିମନ୍ତେ ପୁରୀକୁ ଯାଇଥିଲେ. ସମସ୍ତ ବିଷୟକୁ ପାଥେୟ କରି ମାନ୍ୟବର ଜିଲ୍ଲାପାଳ ମହୋଦୟ କୋରାପୁଟ ଉଚିତ୍ ପଦକ୍ଷେପ ନେଇଥିବା ଯୋଗୁଁ ମାନ୍ୟବର ଜିଲ୍ଲାପାଳ ମହୋଦୟ କୋରାପୁଟ ଙ୍କୁ ଓଡ଼ିଶା ଅମଲା ସଂଘ ତରଫରୁ ଧନ୍ୟବାଦ ଅର୍ପଣ କରିବା ସହିତ କୃତଜ୍ଞତା ଜ୍ଞାପନ କରିଥିବା ଶ୍ରୀ ଦାଶ୍ ଗଣମାଧ୍ୟମ କୁ ସୁଚନା ଦେଇଥିଲେ । ପରିଶେଷରେ କୈଳାସ ସାମନ୍ତରାୟ ସାଙ୍ଗଠନିକ ସମ୍ପାଦକ ଓଡ଼ିଶା ଅମଲା ସଂଘ ତଥା ଆଞ୍ଚଳିକ ସମ୍ପାଦକ କୋରାପୁଟ ଜିଲ୍ଲା ରେ ହୁଏତ ଏହା ପ୍ରଥମ ବୋଲି ପ୍ରକାଶ କରିଛନ୍ତି ।

ପଦ୍ମଶ୍ରୀ ଅଞ୍ଚଳରେ ବିଦେଶୀ ମଦ ଦୋକାନ ନ ଖୋଲିବା ପାଇଁ ଦାବି

ଜୟପୁର,୧୨।୬ (ଆନିସ): କୋରାପୁଟ ଜିଲ୍ଲା କୋଟପାଡ଼ ବିଜ୍ଞାପିତ ଅଞ୍ଚଳର ୯ ନମ୍ବର ୱାର୍ଡ ଦେଶବିଖ୍ୟାତ ମିରଗାନ ଶାଢ଼ୀ ପାଇଁ ପରିଚିତ। ଏହି ଅଞ୍ଚଳରେ ବସବାସ କରୁଛନ୍ତି ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ବୟନ ଶିଳ୍ପୀ ଗୋବର୍ଧନ ପନିକା। ଏହା ଏକ ସାଂସ୍କୃତିକ ଓ ଐତିହ୍ୟବାହୀ ଅଞ୍ଚଳ ହୋଇଥିବାରୁ ଏଠାକୁ ବିଭିନ୍ନ ସମୟରେ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଓ ପର୍ଯ୍ୟଟକମାନଙ୍କ ଆଗମନ ହୋଇଥାଏ। ଏଭଳି ପରିସ୍ଥିତିରେ ଅଞ୍ଚଳରେ ବିଦେଶୀ ମଦ ଦୋକାନ ଖୋଲିଲେ ସାମାଜିକ ଓ ସାଂସ୍କୃତିକ ପରିବେଶ ଉପରେ କୁପ୍ରଭାବ ପଡ଼ିବ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ଏହାସହ ଆଇନ ଶୃଙ୍ଖଳା ସମସ୍ୟା ସୃଷ୍ଟି ହେବା ସହ ମହିଳା ଓ ଯୁବପିଢ଼ିଙ୍କ ଉପରେ ଖରାପ ପ୍ରଭାବ ପଡ଼ିବ ବୋଲି ମଧ୍ୟ ସେମାନେ ମତ ରଖିଛନ୍ତି। ସେଥିପାଇଁ ପଦ୍ମଶ୍ରୀ ଗୋବର୍ଧନ ପନିକାଙ୍କ ସମେତ ୱାର୍ଡବାସୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଏବଂ ଉକ୍ତ ଅଞ୍ଚଳରେ ବିଦେଶୀ ମଦ ଦୋକାନ ଖୋଲିବା ପ୍ରସ୍ତାବକୁ ବାତିଲ କରିବାକୁ ଦାବି ଜଣାଇଛନ୍ତି।

ରନ୍ଧାରେ ନିଶା ନିବାରଣ ସଚେତନତା ଶିବିର

ଗଞ୍ଜାମ,୧୨।୬ (ଆନିସ): ରନ୍ଧାର ଏମ. କେ. ଟିଉଟୋରିଅଲ କୋଚିଂ ସେଣ୍ଟରରେ ଶିକ୍ଷକ ମଦନ କୁମାର ପରିଡା ଓ ସତୀଶ ଗୌଡ଼ଙ୍କ ଅଧ୍ୟକ୍ଷତାରେ ନିଶା ନିବାରଣର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଏଥିରେ ଛତ୍ରପୁର ସ୍ଥିତ ନିଶାନିବାରଣ କେନ୍ଦ୍ର ନବ ଜୀବନ -୨ ର ପ୍ରକଳ୍ପ ସଂଯୋଜକ ବିଶ୍ୱକସେନ ଛାଟୋଇଙ୍କ ତତ୍ତ୍ୱାବଧାନରେ ନିର୍ମଳ କୁମାର ପାଣିଗ୍ରାହୀ,ବିଶ୍ୱନାଥ ବେହେରାଙ୍କ ସହଯୋଗରେ କୋଚିଂ ସେଣ୍ଟରର ଶତାଧିକ ଛାତ୍ର ଛାତ୍ରୀଙ୍କୁ ନେଇ ନିଶାର କୁ ପ୍ରଭାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ତତ ସହିତ ନିଶା କାରବାର ଏବଂ ବିଭିନ୍ନ ନିଶା ବ୍ୟବହାର କରୁଥିବା ବ୍ୟକ୍ତି ବିଶେଷ ଙ୍କ ବିଷୟରେ ବୁଝାଇଥିଲେ ଭବିଷ୍ୟତରେ ଛାତ୍ର ଛାତ୍ରୀମାନେ ନିଶା ସେବନ ଠାରୁ କିପରି ଦୁରେଇ ରହିବା ଏବଂ ନିଜ ନିଜର ପରିବେଶରେ ନିଶା ବ୍ୟବହାର କରୁଥିବା ଲୋକଙ୍କୁ ଉଚିତ ପରାମର୍ଶ ଦେବାପାଇଁ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ବୁଝାଇଥିଲେ ନିଶା ଉପରେ ଛାତ୍ର ଛାତ୍ରୀମାନଙ୍କୁ ପ୍ରଶ୍ନ ଉତ୍ତର କରାଯାଇଥିଲା ଛାତ୍ର ଛାତ୍ରୀମାନେ ବେନେର ଫ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସଚେତନତାର ଏକ ଶୋଭାକାର୍ଯ୍ୟ କରାଯାଇଥିଲା ଏବଂ ନିଶାମୁକ୍ତ ସମାଜ ଗଠନ କରିବାପାଇଁ ନବଜୀବନ -୨ ତରଫରୁ ଏକ ଶପଥ ପାଠ କରାଯାଇଥିଲା ।

କାଳ ବୈଶାଖୀରେ ଭାଙ୍ଗିଲା ଘର ଓ ଗଛ

ଉମରକୋଟ,୧୨।୬ (ଆନିସ): କାଳ ବୈଶାଖୀର ତାଣ୍ଡବରେ ଅସ୍ତବ୍ୟସ୍ତ ଜନଜୀବନ । ପ୍ରବଳ ପବନ ଓ ବର୍ଷା ଯୋଗୁଁ ଗଛ ଉପୁଡ଼ି ପଡ଼ି ଘର ଭାଙ୍ଗିଥିବା ବେଳେ ଅନେକ ସ୍ଥାନରେ ରାସ୍ତା ଅବରୋଧ ହୋଇଛି। ବିଦ୍ୟୁତ ସେବା ମଧ୍ୟ ବନ୍ଦ ରହିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ । ଆଜି ମଧ୍ୟାହ୍ନ ସମୟରେ ହଠାତ ବର୍ଷା, ପବନ ମାଡି ଆସିଲା। ଯାହାକି ଅନେକ କ୍ଷୟକ୍ଷତି ଘଟାଇଛି। ପ୍ରବଳ ପବନରେ ବହୁ ଗଛ ଉପୁଡ଼ି ପଡ଼ି ଘର ଉପରେ ପଡ଼ିଥିବାରୁ ପୌରାଞ୍ଚଳ ର ୧୧ ନମ୍ବର ୱାର୍ଡ ରାମଚନ୍ଦ୍ର ଗଣ୍ଡ ଙ୍କ ଘର ଉପରେ ଗଛ ପଡିବା ଯୋଗୁଁ ଘରଟି ଭାଙ୍ଗି ଯାଇଛି।ଘର ଭିତରେ ବସି ଖାଉଥିବା ବେଳେ ଗଛ ଡ଼ାଳ ବାଜି ରାମଚନ୍ଦ୍ର ଙ୍କ ମୁଣ୍ଡ ଫାଟି ଆହତ ହୋଇଛନ୍ତି। ସୌଭାଗ୍ୟ ବଶତଃ ରାମଚନ୍ଦ୍ର ଙ୍କ ବାପା ଓ ସ୍ତ୍ରୀ ବାହାରେ ପିଣ୍ଡାରେ ବସିଥିଲେ କିନ୍ତୁ ଏମାନଙ୍କ କୌଣସି କ୍ଷତି ହୋଇନାହିଁ। କଚା ଘର ହୋଇଥିବାରୁ ଘରଟି ସମ୍ପୂର୍ଣ ନଷ୍ଟ ହୋଇଯାଇଛି। ସେହିପରି ୧୩ ନଂ ୱାର୍ଡ ରେ ଅଙ୍ଗନବାଡ଼ି କେନ୍ଦ୍ର ଉପରେ ଏକ ବିରାଟ ଡାଳ ପଡି ଯାଇଥିଲା। ସୌଭାଗ୍ୟ ବଶତଃ ଏଥିରେ କାହର କିଛି କ୍ଷତି ହୋଇନାହିଁ। ଅଙ୍ଗନବାଡ଼ି କେନ୍ଦ୍ର ଟି ବନ୍ଦ ଥିଲା। ସେହିଭଳି ରାସ୍ତା ଉପରେ ଗଛ ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଅଗ୍ନିଶମ ବିଭାଗ ଓ ପ୍ରଶାସନ ମିଳିତ ଭାବେ ଗଛ କାଟି ରାସ୍ତା ସଫା କରିବାରେ ଲାଗିଥିଲେ। ଅନ୍ୟପଟେ ବିଦ୍ୟୁତ ତାର ଛିଣ୍ଡିଯିବା ଜିବାରୁ ପୌରାଞ୍ଚଳର ଅନେକ ସ୍ଥାନରେ ବିଦ୍ୟୁତ ସେବା ବନ୍ଦ ରହିଥିଲା। କାଳ ବୈଶାଖୀର ଏହି କ୍ଷୟକ୍ଷତି ପରେ ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇବା ସହ ସ୍ୱାଭାବିକ ଜନଜୀବନ ଫେରାଇ ଆଣିବାକୁ ପ୍ରଶାସନ ଉଦ୍ୟମ ଜାରି ରଖିଛି। ଅଗ୍ନିଶମ ବିଭାଗ ତରଫରୁ କେନ୍ଦ୍ର ଅଧିକାରୀ ଭାଗିରଥି ବାଣୁଆ, ଅଗ୍ନି ଯୋଧା ଯୋଦୁମଣି କୋକ, ଦଶରଥ ସାହୁ, ଟଙ୍କ ସୁନା, ଲୁକମଣ ବୁଡେକ, ଆକାଶ ହରିପାଲ ପ୍ରମୁଖ ପହଞ୍ଚି ରାସ୍ତା ଉପରେ ପଡିଥିବା ଗଛ ଗୁଡ଼ିକୁ କାଟି ରାସ୍ତା ସଫା କରିବା ସହ ଘର ଉପରେ ପଡିଥିବା ଗଛ ଗୁଡିକୁ କାଟି ସଫା କରିଥିଲେ।

କାଳବୈଶାଖୀରେ ମାଁ ଭଗବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୃହ କ୍ଷତିଗ୍ରସ୍ତ, ଆର୍ଥିକ ସହାୟତା ପାଇଁ ଦାବି

କାଶୀପୁର, ୧୨।୬ (ଆନିସ): ଗତ କାଳବୈଶାଖୀ ଝଡ଼ ଓ ପ୍ରବଳ ପବନ ପ୍ରଭାବରେ ରାୟଗଡା ଜିଲ୍ଲା କାଶୀପୁର ଶିବମନ୍ଦିର ରାସ୍ତା ନିକଟରେ ଅବସ୍ଥିତ ମାଁ ଭଗବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଗୃହର ଆଜବେଷ୍ଟସ ଛାଦ ଭାଙ୍ଗି ପଡ଼ିଥିବାରୁ ଗୃହଟି କ୍ଷତିଗ୍ରସ୍ତ ହୋଇଛି।

ପ୍ରବଳ ପବନ ଯୋଗୁଁ ଛାଦର ଏକାଧିକ ଅଂଶ ଉଡ଼ିଯାଇଥିବା ବେଳେ ଗୃହ ଭିତରେ ଥିବା କିଛି ସାମଗ୍ରୀ ମଧ୍ୟ ନଷ୍ଟ ହୋଇଥିବା ସୂଚନା ମିଳିଛି। ସୌଭାଗ୍ୟବଶତଃ ଘଟଣା ସମୟରେ ଗୃହ ଭିତରେ କେହି ନଥିବାରୁ କୌଣସି ଜନହାନି ଘଟିନାହିଁ।

ଏହି ଗୃହ ମାଧ୍ୟମରେ ସ୍ଥାନୀୟ ମହିଳାମାନେ ସଞ୍ଚୟ, ଋଣ ପରିଚାଳନା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଚଳାଇ

ଆସୁଥିବାରୁ ଏହାର କ୍ଷତି ନେଇ ସଦସ୍ୟାମାନଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି।

ଗୋଷ୍ଠୀର ସଦସ୍ୟାମାନେ ଓ ସ୍ଥାନୀୟ ଲୋକେ କ୍ଷତିର ଆକଳନ କରି ଶୀଘ୍ର ମରାମତି ସହ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲ୍ଲା ଓ ବ୍ଲକ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି।

ଲାଇଫ ଲାଇନରେ ଗାତ, ଫ୍ଲାଏ ଓଭର ମାନକୁ ନେଇ ଉଠିଲା ପ୍ରଶ୍ନ

ରାୟ

ଦ୍ୱିତୀୟ ବିବାହ କରିବା ଅଭିଯୋଗରେ
ହାଇସ୍କୁଲ ଶିକ୍ଷକ ଗିରଫ

ଫୁଲବାଣୀ,୧୨।୬ (ଆନିସ): ଜଣକୁ ଭଲ ପାଇ ବିବାହ ର ପ୍ରତିଶୃତି ଦେଇ ଗର୍ଭ ନଷ୍ଟ କରିବା ଅଭିଯୋଗ ରେ ସଦର ପୋଲିସ ଜି ଉଦୟଗିରୀ ହବକ୍ ହାଇସ୍କୁଲ ର ଜଣେ ଶିକ୍ଷକ କୁ ସଦର ଥାନା ପୋଲିସ ଗିରଫ କରିଛି ଗିରଫ ଶିକ୍ଷକ ଙ୍କ ନାମ ଲଲାଟ କହଁର ଟିକାବାଲି ଥାନା ଅନ୍ତର୍ଗତ ଦାସାଗୁଡା ଗ୍ରାମର ବାଲି କଂହର ଙ୍କ ପୁଅ ଲଲାଟ କହଁର ସୂଚନା ଯୋଗ୍ୟ ଯେ,ଲଲାଟ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ନୂଆରୀ ପଦର ଗ୍ରାମର ଜଣେ ଝିଅକୁ ଭଲ ପାଉଥିଲା ଏବଂ ବିବାହର ପ୍ରତିଶୃତି ଦେଇ ସେଇ ଝିଅ ସହ ଶାରୀରିକ ସମ୍ପର୍କ ରଖୁଥିଲେ! ଝିଅଟି ଗର୍ଭବତୀ ହେବା ଜାଣି ପାରି ଥିଲେ! ଏପଟେ ଅନ୍ୟ ଏକ ଝିଅ କୁ ବିବାହ କରିବାକୁ ସ୍ଥିର କରିଥିଲେ!ତେବେ ପ୍ରଥମ ପ୍ରେମିକା କାଳେ ଦ୍ୱିତୀୟ ବିବାହ ପାଇଁ ପ୍ରତି ବନ୍ଧକ ହେବ ବୋଲି ତାକୁ ଔଷଧ ଦେଇ ବେଆଇନ ଭାବେ ତାର ଗର୍ଭ ନଷ୍ଟ କରାଇଥିଲେ!ଏବଂ ଦ୍ୱିତୀୟ ଝିଅ ଙ୍କୁ ବିବାହ କରିଥିଲେ ଫଳରେ ପ୍ରଥମ ପ୍ରେମିକା ଏ ନେଇ ସଦର ଥାନରେ ଏତେଲା ଦେଲା ପରେ ସଦର ପୋଲିସ ଦଫା ୮୯ ଓ ୬୯ ବି ଏନ ଏସ ରେ ମକଦ୍ଦମା ରୁଜୁ କରି ଶିକ୍ଷକ ଲଲାଟ କହଁର କୁ ଗିରଫ କରିଥିବା ପୋଲିସ କହିଛି ଶିକ୍ଷକ ଲଲାଟ କଂହର ର ଜାମିନ ନା ମଂଜୁର ହେବା ପରେ ତାଙ୍କୁ ଫୁଲବାଣୀ ମଣ୍ଡଳ କାରାଗାରକୁ ପଠା ଯାଇଛି!

ନୌସେନା ତାଲିମ କେନ୍ଦ୍ରରେ ଅଗ୍ନିବୀର ୮ମ ବ୍ୟାଚ୍
ଟ୍ରେନିଂର ପାସିଙ୍ଗ୍-ଆଉଟ୍ ପ୍ୟାରେଡ଼ ଅନୁଷ୍ଠିତ

ଖୋର୍ଦ୍ଧା, ୧୨।୬ (ଆନିସ): ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ସ୍ଥିତ ଚିଲିକା ନୌସେନା ତାଲିମ କେନ୍ଦ୍ରରେ ଅଷ୍ଟମ ବ୍ୟାଚ୍ ରେ ୩୦୧୨ ଜଣ ଅଗ୍ନିବୀର ଟ୍ରେନିଂ ନେଉଥିବା ବେଳେ ୧୧୬ ମହିଳା ଏବଂ ୨୮୯୬ ପୁରୁଷ ଅଗ୍ନିବୀର ଟ୍ରେନିଂ ନେଉଥିଲେ । ଏମାନଙ୍କ ସହିତ କୋଷ୍ଟଗାର୍ଡ ୨୬୫ ନାବିକ ଏହି ପାସିଙ୍ଗ–ଆଉଟ୍ ପାରେଡ ରେ ସାମିଲ ହୋଇଛନ୍ତି । ଏହି ଅଗ୍ନିବୀର ମାନେ ଦୀର୍ଘ ୧୬ ସପ୍ତାହ ଧରି ଟ୍ରେନିଂ ନେବା ପରେ ଆଜି ସେମାନଙ୍କର ପାସିଙ୍ଗ୍–ଆଉଟ୍ ପ୍ୟାରେଡ଼ ଅନୁଷ୍ଠିତ ହୋଇଛି । ଏଥରେ ଜଳପଥ ପାଇଁ ୩୦୧୨

ଜଣ ଅଗ୍ନିବୀର ଯୋଦ୍ଧା ଫିଟ୍ ହୋଇଛନ୍ତି । ଏହି ଅଗ୍ନିବୀର ମାନଙ୍କର ଟ୍ରେନିଂ ଶେଷ ହେବା ପରେ ଏହି ଅଗ୍ନିବୀରମାନେ ଏବେ ଜଳପଥର ଯୋଦ୍ଧା ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ଅଗ୍ନିବୀର ମାନଙ୍କର ଟ୍ରେନିଂ ଶେଷ ହେବା ପରେ ଆଜି ସେମାନଙ୍କର ପାସିଂ ଆଉଟ୍ ପାରେଡ ଅନୁଷ୍ଠିତ ହୋଇଛି ।ଆଗାମୀ ଦିନରେ ଦେଶ କୁ ସୁରକ୍ଷା ଦେବା ସହ ଦେଶ ମାତୃକାର ସେବା କରିବେ ଏହି ଅଗ୍ନିବୀର ମାନେ। ପ୍ରଥମ ବ୍ୟାଚ – ମହିଳା ୨୭୩,ପୁରୁଷ ୨୩୧୨ ମୋଟ ୨୫୮୫ । ଦ୍ୱିତୀୟ ବ୍ୟାଚ – ମହିଳା ୪୪୮,ପୁରୁଷ ୨୧୬୮ ମୋଟ ୨୬୧୬ । ତୃତୀୟ ବ୍ୟାଚ – ମହିଳା ୩୯୬,ପୁରୁଷ ୨୨୩୪ ମୋଟ ୨୬୩୦ । ଚତୁର୍ଥ ବ୍ୟାଚ– ମହିଳା ୨୧୪,ପୁରୁଷ ୧୧୭୫ ମୋଟ ୧୩୯୮ । ପଞ୍ଚମ ବ୍ୟାଚ – ମହିଳା ୪୦୨,ପୁରୁଷ ୨୫୬୪ ମୋଟ ୨୯୬୬ । ଷଷ୍ଠ ବ୍ୟାଚ – ମହିଳା ୩୧୦ ,ପୁରୁଷ ୧୭୦୦ ମୋଟ ୨୦୧୦ ଏମାନଙ୍କ ସହିତ କୋଷ୍ଟଗାର୍ଡ ୨୭୬ ନାବିକ । ସପ୍ତମ ବ୍ୟାଚ–ମହିଳା ଅଗ୍ନିବୀର ସଂଖ୍ୟା ୧୧୩, ପୁରୁଷ ଅଗ୍ନିବୀର ସଂଖ୍ୟା ୧୯୯୦ , ମୋଟ ୨୧୦୩ । ଅଷ୍ଟମ ବ୍ୟାଚ–ମୋଟ ୩୦୧୨ ଜଣ ଅଗ୍ନିବୀର ପ୍ରଶିକ୍ଷଣ ନେଉଥିବା ବେଳେ ସେଥି ମଧ୍ୟରୁ ମହିଳା ଅଗ୍ନିବୀର ୧୧୬ ଜଣ ପୁରୁଷ ଅଗ୍ନିବୀର ୨୮୯୬ ଜଣ ରହିଛନ୍ତି। ନାବିକ କୋଷ୍ଟଗାର୍ଡ ସଂଖ୍ୟା ୨୬୫ ଜଣ ପ୍ରଶିକ୍ଷାର୍ଥୀ ଏହି ପାସିଙ୍ଗ–ଆଉଟ୍ ପାରେଡ ରେ ସାମିଲ ହୋଇଛନ୍ତି । ଏହି ପାସିଙ୍ଗ୍–ଆଉଟ୍ ପ୍ୟାରେଡ୍ ରେ ଦକ୍ଷିଣ କମାଣ୍ଡ ପତାକା ଅଧିକାରୀ ଭାଇସ୍–ଆଡମିରାଲ ସଞ୍ଜୟ ଭଟ ଶାୟନ । ତାଙ୍କ ସହିତ ଚିଲିକା ନୌସେନା କେନ୍ଦ୍ରର କମାଇଂଣ୍ଡି ଅଫିସର ବି.ଦୀପକ ଅନୀଲ ଉପସ୍ଥିତ ଥିଲେ ।

ଭଞ୍ଜପୀଠ ମାଳିସାହିରେ
ରାଜ୍ୟସ୍ତରୀୟ ଭଞ୍ଜ ଜୟନ୍ତୀ ୧୪ରେ

ନୟାଗଡ଼,୧୨/୬ (ଆନିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସିଦ୍ଧି ଓ ସାଧନାର ପବିତ୍ର ପୀଠ ମାଳିସାହି ଠାରେ ଆସନ୍ତା ୧୪ ତାରିଖରେ ହେବାକୁ ଥିବା ପାରମ୍ପରିକ ଭଞ୍ଜ ଜୟନ୍ତୀ ଉତ୍ସବର ବୃତ୍ତାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପେନ୍ଦ୍ର ଭଞ୍ଜ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭଞ୍ଜ ଜୟନ୍ତୀ କିପରି ସଫଳତାର ସହିତ ସମ୍ପାଦକ କରାଯିବ ତାହା ଉପରେ ଗୁରୁତ୍ୱାରୋପ କରାଯିବା ସହ ହାଇସ୍କୁଲ ସ୍ତରୀୟ ବକ୍ତୃତା, ସଙ୍ଗୀତ ଓ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତି ଛାତ୍ରଛାତ୍ରୀ ଓ ମାତ୍ରିକ ଜିଲ୍ଲା ଟପ୍ପରଙ୍କୁ ଭଞ୍ଜ ଜୟନ୍ତୀ ଉତ୍ସବ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରାରମ୍ଭିକ ଭଞ୍ଜ ସଙ୍ଗୀତ ସହିତ ଓଡ଼ିଶାର ବିଶିଷ୍ଟ ସାହିତ୍ୟ ବିଶାରଦ ମାନେ ଏହି ସାରସ୍ୱତ ସମାବେଶରେ ସମ୍ଭାଷଣ ରଖିବେ ବୋଲି ସଂପାଦକ ବିଶ୍ୱନାଥ ମହାପାତ୍ର ଜଣାଇଛନ୍ତି। ଉକ୍ତ ବୈଠକରେ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ଓ ସଂସ୍କୃତି ପରିଷଦର କର୍ମକର୍ତ୍ତା ନିରଞ୍ଜନ ସାହୁ, ରାମଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ପ୍ରଧାନ, ପ୍ରଧାନୀ ବୃନ୍ଦାବନ ମହାପାତ୍ର, ତବିରୁନ ବିବି, ପ୍ରେମାନନ୍ଦ ପାଟଶାଣୀ, ଭାଗିରଥି ମହାରଣା,ବୁଦ୍ଧି ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଆଦର୍ଶ ବିଜ୍ଞାନ ଶିକ୍ଷକ ନାରାୟଣ ମହାପାତ୍ରଙ୍କ ପରଲୋକ

ନୟାଗଡ଼,୧୨/୬ (ଆନିସ) ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରତିଷ୍ଠିତ ବିଜ୍ଞାନ ଶିକ୍ଷକ ନାରାୟଣ ମହାପାତ୍ର (ନାରଣ ସାର)ଙ୍କର ଆଜି ତାଙ୍କର ଯଦୁମଣି ନଗର ସ୍ଥିତ ବାସଭବନରେ ଇହଲୀଳା ସମ୍ବରଣ ଘଟିଛି। ସ୍ୱର୍ଗତ ମହାପାତ୍ର ଜଣେ ଆଦର୍ଶ ଶିକ୍ଷକ, ଧର୍ମପରାୟଣ ତଥା ପରୋପକାରୀ ବ୍ୟକ୍ତିତ୍ୱ ଭାବେ ସମଗ୍ର ଜିଲ୍ଲାରେ ସୁପରିଚିତ ଥିଲେ। ତାଙ୍କର ସରଳ ଜୀବନଯାପନ, ସ୍ନେହଶୀଳ ବ୍ୟବହାର ଓ ସମାଜ ପ୍ରତି ଥିବା ନିଷ୍ଠା ଯୋଗୁଁ ସେ ନୟାଗଡ଼ ସହରର ଜଣେ ସମ୍ମାନନୀୟ ମୁରବି ଭାବେ ପ୍ରତିଷ୍ଠିତ ହୋଇପାରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ବିଧବା ସ୍ତ୍ରୀ,ଏକମାତ୍ର ପୁତ୍ର, ଦୁଇ ଝିଅ, ଜ୍ୱାଇଁ, ନାତିନାତୁଣୀ ତଥା ଆତ୍ମୀୟ ସ୍ୱଜନ ମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇ ଥିବା ବେଳେ ଏକମାତ୍ର ପୁତ୍ର ମୁଖାଗ୍ନି ଦେଇଥିଲେ।

ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ପାଇଁ କେନ୍ଦୁଝରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କେନ୍ଦୁଝର, ୧୨/୦୬(ଆନିସ) : ଆଗାମୀ ଆନ୍ତର୍ଜାତୀୟ ଯୋଗ ଦିବସ – ୨୦୨୬କୁ ଜିଲ୍ଲାରେ ବ୍ୟାପକ ଓ ସଫଳତାର ସହ ପାଳନ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଓସଓ୍ୱାନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ ଏବଂ ବଡ଼ବିଲ ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି।

ଏହି ବୈଠକ ର ନିଷ୍ପତ୍ତି ଅନୁଯାୟୀ ଯୋଗ ଦିବସର ସୁଚାରୁ ପରିଚାଳନା ପାଇଁ ବ୍ଲକ ସ୍ତରରେ ସମ୍ପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀ ମାନଙ୍କ ଅଧ୍ୟକ୍ଷତାରେ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କ ଅଧ୍ୟକ୍ଷତାରେ ଆୟୋଜନ କମିଟି ଗଠନ କରାଯିବ।

ଜିଲ୍ଲା ଓ ବ୍ଲକ ଯୋଗ ମହୋତ୍ସବ ସମିତି ସହ ଆଲୋଚନା କରି ପ୍ରତି କାର୍ଯ୍ୟକ୍ରମ ପାଇଁ ପ୍ରମାଣିତ ଯୋଗ ପ୍ରଶିକ୍ଷକମାନଙ୍କୁ ନିୟୋଜିତ କରାଯିବ। ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ପ୍ରଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ୪୫ ମିନିଟର ‘ସାଧାରଣ ଯୋଗ ପ୍ରୋଟୋକଲ’ ଅନୁଷ୍ଠିତ ହେବ ଏବଂ ଏହା ପରେ ସମସ୍ତେ ଯୋଗ ଶପଥ ପାଠ କରିବେ। ପ୍ରତି ବ୍ଲକ ଏବଂ

ପୌରପାଳିକା ସ୍ତରରେ ଅତିକମରେ ୨୦୦ ଜଣ ଏବଂ ପ୍ରତି ଗ୍ରାମ ପଞ୍ଚାୟତ ସ୍ତରରେ ଅତିକମରେ ୫୦ ଜଣ ଅଂଶଗ୍ରହଣକାରୀଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।ଯୋଗ ଫୋରମ୍ ଗୁଡିକରେ ସଠିକ୍ ମଞ୍ଚ ପ୍ରସ୍ତୁତି, ସାଉଣ୍ଡ ସିଷ୍ଟମ, ପାନୀୟ ଜଳ, ବ୍ୟାନର ଏବଂ ଶୌଚାଳୟ ଭଳି ସମସ୍ତ ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସଫଳ ଆୟୋଜନ ପାଇଁ ପ୍ରତି ବ୍ଲକ ଓ ପୌରପାଳିକାକୁ ୧୫,୦୦୦ ଟଙ୍କା ଏବଂ ପ୍ରତି ଗ୍ରାମ ପଞ୍ଚାୟତକୁ ୨,୦୦୦ ଟଙ୍କାର ପାଣ୍ଠି ପ୍ରଦାନ କରାଯିବ ଏବଂ କାର୍ଯ୍ୟକ୍ରମ ଶେଷ ହେବା ପରେ ଉରନ୍ତ ଉପଯୋଗିତା ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି।

ଏହି ବୈଠକରେ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସୁକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏଥିସହ ଯୋଗ ମହୋତ୍ସବ ସମିତିର ଜିଲ୍ଲା ସଂଯୋଜକ ଶ୍ରୀ ମହେନ୍ଦ୍ର କୁମାର ସାହୁ, ଓଆରଏସ୍ – ଜିଲ୍ଲା କ୍ରୀଡ଼ା ଅଧିକାରୀ, ସରୋଜ କୁମାର ମଲ୍ଲିକ, କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ଜ୍ୟୋତିର୍ମୟୀ ନାଏକ, ଜିଲ୍ଲା ମୁଖ୍ୟ ଶିକ୍ଷକ (ଯୋଗ ମହୋତ୍ସବ ସମିତି) ଶ୍ରୀ ଦୁଃଶାସନ ମହାନ୍ତଙ୍କ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ପ୍ରକଳ୍ପ ଅଧିକାର ଦ୍ୱାରା ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ

ଦଶପଲ୍ଲା,୧୨।୬ (ଆନିସ): ଶିଶୁ ମାନଙ୍କ ସର୍ବାଙ୍ଗୀନ ବିକାଶ ଓ ସେମାନଙ୍କୁ ସୁରକ୍ଷା ଦେବା,ଶିଶୁ ଶ୍ରମ ବିରୋଧରେ ସଚେତନତା ସୃଷ୍ଟି କରିବା ଏବଂ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା ଓ ସୁସ୍ଥ ଶୈଶବର ଅଧିକାରକୁ ସୁନିଶ୍ଚିତ କରିବା ବିଷୟରେ ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ପ୍ରକଳ୍ପ ଅଧିକାର, ଦଶପଲ୍ଲା ତରଫରୁ କୁଜାମେଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆମ୍ବଲିମା ଗ୍ରାମରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ସଚେତନତା ସଭା ଅଧିକାର ମିତ୍ର ମମୀନୀ ନାୟକଙ୍କ ଦ୍ୱାରା ଆୟୋଜିତ ହୋଇଯାଇଛି।

ବୟସ ଅନୁଯାୟୀ ଉଉମ ଶିକ୍ଷା, ସୁକ୍ଷମ ଖାଦ୍ୟ,ଖେଳକୁଦ ଓ ବିକାଶର ସୁଯୋଗ ପାଇବା, ଶିଶୁ ମାନଙ୍କ ଜୀବନ ଜୀବିକା ପ୍ରଗତି, ଉର୍ନତି କ୍ଷେତ୍ରରେ ସେମାନଙ୍କୁ ବାଧା ସୃଷ୍ଟି ନ କରି ଉତ୍ସାହିତ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଅଧିକାର ମିତ୍ର ପ୍ରକାଶ ମଣ୍ଡଳ ଏ ସଭାରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଦାରିଦ୍ର୍ୟ,ଅଶିକ୍ଷା,ଅନ୍ଧ ବିଶ୍ୱାସ, ସାମାଜିକ ଅସମାନତା, ଆର୍ଥିକ ଦୁର୍ବଳତା ଓ ଅଜ୍ଞତା, ଶିଶୁ ଶ୍ରମିକ ମାନଙ୍କ ଉପରେ ପଡୁଥିବା କୁପ୍ରଭାବ ପ୍ରତି ସବୁ ସ୍ତରରେ ସମସ୍ତେ ଧ୍ୟାନ ଦେବାପାଇଁ ଅଧିକାର ମିତ୍ର ଦାମୋଦର ନାୟକ କହିଥିବା ବେଳେ ଶିଶୁ ମାନଙ୍କ ଶାରୀରିକ ଓ

ମାନସିକ ବିକାଶରେ ବାଧା ନ ଦେବା ,ଶୋଷଣ ଓ ନିର୍ଯାତନାରୁ ଶିଶୁ ଶ୍ରମିକ ମାନଙ୍କୁ ମୁକ୍ତ କରିବା ହେଉଛି ଏ ଦିବସ ପାଳନ କରିବାର ଆଭିମୁଖ୍ୟ ବୋଲି ଅଧିକାର ମିତ୍ର ଅଭିମନ୍ୟୁ ସାହୁ କହିଥିଲେ। ପ୍ରତ୍ୟେକ ଶିଶୁକୁ ବିଦ୍ୟାଳୟକୁ ପଠାଇବା,ଶିଶୁ ଶ୍ରମିକ ସମ୍ପର୍କିତ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା, ସେମାନଙ୍କ ସମସ୍ୟା ବିଷୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ଏବଂ ଶିଶୁ ଅଧିକାର ବିଷୟରେ ଗାଁ ଗାଁ ରେ ଜନ ସଚେତନତା ସୃଷ୍ଟି କରାଇବା ଓ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବାକୁ ଉପସ୍ଥିତ ଥିବା ସମସ୍ତ ମହିଳା, ପୁରୁଷ ଓ ଛାତ୍ର ଛାତ୍ର ସାମୂହିକ ସଂକଳ୍ପ ନେଇଥିଲେ। ଶିଶୁଙ୍କ ହାତରେ ପୁସ୍ତକ ରହୁ କିନ୍ତୁ ଇଟା ଭାଟିରେ ସେମାନେ କାମ ନ କରନ୍ତୁ ।

ଶିଶୁ ମାନେ ଉତ୍ତମ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଆନ୍ତୁ କିନ୍ତୁ ନିର୍ଯାତନାର ଶିକାର ନ ହୁଅନ୍ତୁ। ଶିଶୁମାନେ ସୁରକ୍ଷିତ ଜୀବନ ଜାପାନ କରନ୍ତୁ କିନ୍ତୁ ଅଭାବ ଅନାଟନ ଭୋକ ଦୁଃଖ ଦାରିଦ୍ର୍ୟ ଭିତରେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ନଷ୍ଟ ନ କରିବା ପାଇଁ ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ସମସ୍ତଙ୍କୁ ଅନୁରୋଧ କରିଥିଲେ। ପ୍ରତିଟି ଶିଶୁ ପଢନ୍ତୁ,ବଢନ୍ତୁ ଓ ଉତ୍ତମ ନାଗରିକ ହୋଇ ଭବିଷ୍ୟତରେ ଗାଁ ଓ ଦେଶ ଚଳାନ୍ତୁ ବୋଲି ସରପଞ୍ଚ ଶ୍ରୀମତୀ ସଂଗୀତା ପୃଷ୍ଟି, ନାଏବ ସରପଞ୍ଚ ଶ୍ରୀମତୀ ନମିତା ମଳିକ , ସମିତି ସଭ୍ୟା ଶ୍ରୀମତୀ ବାସନ୍ତୀ ସାହୁ,ଓ ସି ଆର ପି ଶ୍ରୀମତୀ ପୁଷ୍ପାଞ୍ଜଳି ନାଏକ ମହୋଦୟା ସମସ୍ତଙ୍କୁ ଅବଗତ କରାଇବା ସହ ପ୍ରକଳ୍ପ ଅଧିକାର ଦ୍ୱାରା ଆୟୋଜିତ ଏ ପ୍ରକାର ଜନ ଜାଗରଣ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିବା ବେଳେ ଅଧିକାର ମିତ୍ର ଶ୍ରୀନିବାସ ରଣା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଜନ ଶିକ୍ଷଣ ସଂସ୍ଥାନ, ନୟାଗଡରେ ବିଶ୍ୱ ଶିଶୁ ଶ୍ରମ ନିଷେଧ ଦିବସ

ନୟାଗଡ଼: ୧୨/୦୬ (ଆନିସ): ଶୁକ୍ରବାର ୧୧ଟା ସମୟରେ ବାରମାସୀ ଲେନ୍ରେ ଥିବା ଜନ ଶିକ୍ଷଣ ସଂସ୍ଥାନ ଅନୁଷ୍ଠାନ ପରିସରରେ ବିଶ୍ୱ ଶିଶୁ ଶ୍ରମ ନିଷେଧ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ପାଳନ କରାଯାଇଛି ଏଥିରେ ମୁଖ୍ୟ ଅତିଥି ଭାବେ କାମାକ୍ଷା ପ୍ରସାଦ ଦାସ, ଅଧ୍ୟକ୍ଷ ଶିଶୁ କଲ୍ୟାଣ ସମିତି ନୟାଗଡ, ସମ୍ମାନୀତ ଅତିଥି ଭାବେ ଅବିନାଶ ସାହୁ, ସମ୍ପାଦକ ରୋଟାରୀ କ୍ଲବ ନୟାଗଡ ଯୋଗ ଦେଇଥିଲେ ଉକ୍ତ କାର୍ଯ୍ୟକ୍ରମରେ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ମନୋଜ କୁମାର ସେଠି ସଭାପତିତ୍ୱ କରିଥିଲେ ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ସନ୍ଧ୍ୟାରାଣୀ ସାହୁ ଏହି ଦିବସର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ, କାର୍ଯ୍ୟକ୍ରମ ଅଧିକାରୀ ସତ୍ୟନାରାୟଣ ମହାନ୍ତି, ପ୍ରଦୀପ୍ତ ରଞ୍ଜନ ପ୍ରଧାନ, ଶୁଭେନ୍ଦ୍ର କୁମାର ଦାସ, ହୃଦୟ ରଞ୍ଜନ ନାୟକ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କମ୍ପ୍ୟୁଟର ସହକାରୀ ବିଷ୍ଣୁ ପ୍ରସାଦ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ କାର୍ଯ୍ୟକ୍ରମ ଅଧିକାରୀ ଶୁଭେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ଏଥିରେ ଜନ ଶିକ୍ଷଣ ସଂସ୍ଥାନର ୫୦ରୁ ଅଧିକ ତାଲିମ ନେଉଥିବା ହିତାଧିକାରୀ ମାନେ ଯୋଗଦେଇଥିଲେ ଉପସ୍ଥିତ ଅତିଥି ମାନେ ଶିଶୁ ଶ୍ରମକୁ ନା କହିବା ସହିତ ପ୍ରତ୍ୟେକ ଶିଶୁକୁ ସ୍କୁଲ୍ ପଠାଇବା ଉପରେ ଆଲୋଚନା କରିଥିଲେ ଗରିବୀ, ଅଶିକ୍ଷା ଏବଂ ସଚେତନତାର ଅଭାବ ଯୋଗୁଁ ଆଜି ଅନେକ ଶିଶୁ ନିଜର ଶୈଶବକୁ ହରାଉଛନ୍ତି। ଏହି ସମସ୍ୟାର ସମାଧାନ କେବଳ ସରକାରୀ ଆଇନ ଦ୍ୱାରା ସମ୍ଭବ ନୁହେଁ, ଏଥିପାଇଁ ଆମ ସମାଜର ପ୍ରତ୍ୟେକ ନାଗରିକଙ୍କ ସହଯୋଗ ଓ ସଚେତନତା ଜରୁରୀ ବୋଲି ଉପସ୍ଥିତ ଅତିଥିମାନେ ମତ ଦେଇଥିଲେ

ଗାନ୍ଧୀ କଥାରେ ନିଶାନିବାରଣ ପାଇଁ ଆହ୍ୱାନ

କେନ୍ଦୁଝର, ୧୨।୬ (ଆନିସ): ଶୁକ୍ରବାର ଦିନ, ସଦର ବ୍ଲକ ଅନ୍ତର୍ଗତ ମଇଦାନକେଲ ପଂଚାୟତର ବଡ଼ପସୀ ଠାରେ ଗାନ୍ଧୀ କଥାମାଧ୍ୟମରେ ନିଶା ମୁକ୍ତ ସମାଜ ଗଠନ ପାଇଁ ଡାକରା ଦିଆ ଯାଇଛି। ଏଥିରେ ଯୋଗଦେଇ ସାମଜିକ କର୍ମୀ ତଥା ଛାମୁଆ ନାରୀ ନେତ୍ରୀ

ମାଲକାନଗିରିରେ ଜିଲ୍ଲା ସ୍ତରୀୟ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ

ସ୍ମାର୍ଟ ରାସନ କାର୍ଡ ଓ ସ୍ମାର୍ଟଫୋନ୍ ବଣ୍ଟନ

ମାଲକାନଗିରି,୧୨।୬ (ଆନିସ): ମାଲକାନଗିରି ଜିଲ୍ଲା ସ୍ତରୀୟ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ ମହାସମାରୋହରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଏହି ଯୋଜନାର ଶୁଭାରମ୍ଭ କରିଥିବା ବେଳେ ଏହାକୁ ସମାନ୍ତରାଳ ଭାବେ ମାଲକାନଗିରି ଜିଲ୍ଲାରେ ମଧ୍ୟ କାର୍ଯ୍ୟକାରୀ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଜନାର ମହତ୍ତ୍ୱ ଉପରେ ଆଲୋକପାତ କରି ବିଧାୟକ ଶ୍ରୀ ମାଡକାମୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ହେଉଛି ଗରିବ ଓ ଅସହାୟ ଶ୍ରେଣୀର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ସ୍ମାର୍ଟ ରାସନ କାର୍ଡ ଏବଂ ସ୍ମାର୍ଟଫୋନ୍ ବଣ୍ଟନ ଦ୍ୱାରା ଦୁର୍ଗମ ଅଞ୍ଚଳର ଲୋକମାନେ ଡିଜିଟାଲ୍ ସ୍ତରରେ ସଶକ୍ତ ହେବେ ଏବଂ କୌଣସି ବି ହିତାଧିକାରୀ ସେମାନଙ୍କର ହକ୍‌ରୁ ବଞ୍ଚିତ ହେବେ ନାହିଁ। ଆମେ ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ପରିବାର ପାଖରେ ଏହି ସୁବିଧା ପହଞ୍ଚାଇବାକୁ ସଂକଳ୍ପବଦ୍ଧ।

ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗା ସୋଢ଼ି, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଣ୍ଡା ଉପସ୍ଥିତ ଥିଲେ।

ଜିଲ୍ଲାର ସାମଗ୍ରିକ ପ୍ରଶାସନିକ ପ୍ରସ୍ତୁତି ଏବଂ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ଅତିଥି ମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, ସରକାରୀ ଯୋଜନାରେ ସ୍ୱଚ୍ଛତା ଆଣିବା ଏବଂ ଲୋକଙ୍କ ନିକଟରେ ସିଧାସଳଖ ସେବା ପହଞ୍ଚାଇବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ସ୍ମାର୍ଟଫୋନ୍ ମାଧ୍ୟମରେ ମହିଳାମାନେ ଡିଜିଟାଲ୍ ଦୁନିଆ ସହ ଯୋଡ଼ି ହେବା ସହ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନାର ସୂଚନା ସହଜରେ ପାଇପାରିବେ, ଯାହା ସେମାନଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ।

ଏହି ସମାରୋହରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସରାବୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ସଫଳତାର ସହ ମଞ୍ଚ ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ ଯେ, ମାଲକାନଗିରି ଜିଲ୍ଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ମୋଟ ୧,୫୯,୫୧୧ ପରିବାରର ୫,୧୮,୬୭୯ ଜଣ ସଦସ୍ୟ ପଞ୍ଜୀକୃତ ହୋଇଛନ୍ତି। ସମସ୍ତ ହିତାଧିକାରୀଙ୍କୁ ପ୍ରତି ମାସରେ ମାଗଣାରେ ୫ କିଲୋଗ୍ରାମ ଲେଖାଏଁ ଚାଉଳ ଯୋଗାଇ ଦିଆଯାଉଛି ଏବଂ ଏଥିପାଇଁ ମାସିକ ମୋଟ ୨୫,୯୩୩.୦୦ କ୍ୱିଣ୍ଟାଲ ଚାଉଳ ବରାଦ କରାଯାଇଛି। ବର୍ତ୍ତମାନ ଏପ୍ରିଲ, ମେ ଏବଂ ଜୁନ୍ ମାସ ପାଇଁ ଏହି ଚାଉଳ ବଣ୍ଟନ ପ୍ରକ୍ରିୟାକୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ କରାଯିବ।

ଏହି ଯୋଜନା ଅଧୀନରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ନୂତନ ସ୍ମାର୍ଟ ରାସନ କାର୍ଡ ଓ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ସ୍ମାର୍ଟଫୋନ୍ ବଣ୍ଟନ କରାଯାଇଛି। ସ୍ମାର୍ଟ ରାସନ୍ କାର୍ଡ ମାଧ୍ୟମରେ ହିତାଧିକାରୀ ମାନେ ରାସନ ଦୋକାନରୁ ସେମାନଙ୍କର ଅତିରିକ୍ତ ପ୍ରାପ୍ୟ ସହଜରେ ପାଇପାରିବେ। ଜିଲ୍ଲାରେ ଥିବା ମୋଟ ୧୧୭ ଟି ସୁଲଭ ମୂଲ୍ୟ ଦୋକାନ କେନ୍ଦ୍ର (ଯେଉଁଥିରେ ୧୦୮ ଟି ଗ୍ରାମ ପଞ୍ଚାୟତ କେନ୍ଦ୍ର, ୮ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୧ ଟି ମୈତ୍ରୀ ଦୋକାନ ରହିଛି) ମାଧ୍ୟମରେ ଏହି ସେବା ଉପଲବ୍ଧ ହେବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ, ଜିଲ୍ଲା ସମାଜ ମଙ୍ଗଳ ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ବିପୁଳ ସଂଖ୍ୟାରେ ହିତାଧିକାରୀ ଉପସ୍ଥିତ ଥିଲେ।

ବଜ୍ରାଘାତରେ ଗୋଟିଏ ଛେଳି ୧୯ ମେଣ୍ଢା ମୃତ

ପାତ୍ରପୁର,୧୨।୬ (ଆନିସ): ଗଞ୍ଜାମ ଜିଲ୍ଲା ପାତ୍ରପୁର ତହସିଲ ଜିଲୁଣ୍ଡା ନିକଟସ୍ଥ ପାହାଡ ଇଲାକାରେ ତଥା ଏକ ଜମିରେ କାଳବୈଶାଖୀ ପ୍ରଭାବରେ ବଜ୍ରାଘାତ ଘଟି ଗୋଟିଏ ଛେଳି ଓ ୧୯ ଗୋଟି ମେଣ୍ଢାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ପାଞ୍ଚ ଜଣ ପଶୁ ପାଳକ ଶୁକ୍ରବାର ଅପରାହ୍ନରେ ଜିଲୁଣ୍ଡା ପାହାଡ଼ ପାଦଦେଶରେ ଥିବା ବିଲକୁ ଛେଳି ଓ ମେଣ୍ଢା ମାନଙ୍କୁ ଚରାଇବା ପାଇଁ ନେଇଥିବା ବେଳେ କାଳବୈଶାଖୀ ପ୍ରଭାବରେ ହଠାତ୍ ଘଡଘଡି ସହିତ ବର୍ଷା ଆରମ୍ଭ ହୋଇଥିଲା। ଠିକ୍ ଏତିକି ସମୟରେ ବଡ଼ ଧରଣର ବଜ୍ରାଘାତ ଘଟିବା ଫଳରେ ବଜ୍ରାଘାତରେ ବରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଲଙ୍କା ଗ୍ରାମର କେ ଗୋପୀନାଥଙ୍କର ୧ ଛେଳି ୪ ମେଣ୍ଢା , ଜି କୁରେୟାଙ୍କର ୫ ମେଣ୍ଢା, ଡି ଆରେୟାଙ୍କର ୫ ମେଣ୍ଢା ,ଜି ଲାଛମାୟାଙ୍କର ୪ ମେଣ୍ଢା ଓ ଜି ଜନାର୍ଦ୍ଦନଙ୍କର ଗୋଟିଏ ମେଣ୍ଢା ବଜ୍ରାଘାତରେ ମୃତ୍ୟୁ ଘଟିଛି। ଖବର ପାଇ ପାତ୍ରପୁର ଅତିରିକ୍ତ ପ୍ରାଣୀ ଚିକିତ୍ସକ ସସ୍ମିତା ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ବ୍ୟବଚ୍ଛେଦ କରିଥିଲେ। ଅନ୍ୟ ପକ୍ଷରେ ଲଙ୍କା ଗ୍ରାମର ପଶୁପାଳକ ମାନେ ଗରୀବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବୀ ହେଉଛି।

ଦହିଖାଲରେ ବକ୍ସାଇଟ୍ ଡମ୍ପିଂ ବିରୋଧରେ ଆନ୍ଦୋଳନ ଜୋରଦାର

ଆଜି ଶିବପଦର ପଞ୍ଚାୟତ ବନ୍ଦ

ମୁନିଗୁଡା,୧୨।୬(ଆନିସ) ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଦହିଖାଲ ଅଞ୍ଚଳରେ ବକ୍ସାଇଟ୍ ଡମ୍ପିଂକୁ ବିରୋଧ କରି ଚାଲିଥିବା ଆନ୍ଦୋଳନ ଅଧିକ ତୀବ୍ର ହୋଇଛି। ହାଟ ଦହିଖାଲ ଠାରେ ଆୟୋଜିତ ଗଣଧାରଣା ପଞ୍ଚମ ଦିନରେ ପହଞ୍ଚିଥିବା ବେଳେ ଆନ୍ଦୋଳନକାରୀମାନେ ନିଜ ଦାବିରେ ଅଟଳ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଶିବପଦର ଗ୍ରାମ ପଞ୍ଚାୟତ କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ୧୨ ଜୁନ୍ (ଶୁକ୍ରବାର) ୧୨ ଘଣ୍ଟିଆ ପଞ୍ଚାୟତ ବନ୍ଦ ଡାକରା ଦିଆଯାଇଛି।ଗଣଧାରଣା ସ୍ଥଳକୁ ମୁନିଗୁଡା ଅତିରିକ୍ତ ତହସିଲଦାର ବ୍ରଜଗୋପାଳ ଦାସ ଏବଂ ଅମ୍ବାଦଳା ଥାନା ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢ଼ୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କୁ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ବୁଝାସୁଝା କରାଯାଇଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରଖିବାକୁ ସ୍ପଷ୍ଟ କରିଥିଲେ।ଶିବପଦର ଗ୍ରାମ ପଞ୍ଚାୟତ କଂଗ୍ରେସ କମିଟି ପକ୍ଷରୁ ଅମ୍ବାଦଳା ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଏକ ପତ୍ର ଦେଇ ବନ୍ଦ ସମ୍ପର୍କରେ ଅବଗତ କରାଯାଇଛି। ପତ୍ରରେ ଦହିଖାଲରେ ବକ୍ସାଇଟ୍ ଡମ୍ପିଂକୁ ଦୃଢ଼ ବିରୋଧ କରି ଚାଲିଥିବା ଅନିର୍ଦ୍ଧିଷ୍ଟକାଳୀନ ଗଣଧାରଣାକୁ ସମର୍ଥନ ଜଣାଇ ପଞ୍ଚାୟତବାସୀଙ୍କୁ ବନ୍ଦରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି।ବନ୍ଦ ଡାକରାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ବଢ଼ିଥିବା ବେଳେ ପ୍ରଶାସନ ପକ୍ଷରୁ ଶାନ୍ତି ଓ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରୟୋଜନୀୟ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି।

ସ୍ୱଦେଶୀ ଜ୍ଞାନକୌଶଳ ଆଧାରରେ ସ୍ୱାବଲମ୍ବୀ ଭାରତ ଗଠନର ଆହ୍ୱାନ

ମୁନିଗୁଡା,୧୨।୬(ଆନିସ) ମୁନିଗୁଡ଼ାରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ବିଚାର ବର୍ଗ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱଦେଶୀ ଜ୍ଞାନକୌଶଳ, ସ୍ୱରୋଜଗାର ଏବଂ ସ୍ୱାବଲମ୍ବନ ମାଧ୍ୟମରେ ଭାରତକୁ ଆର୍ଥିକ ଓ ସାମାଜିକ ଭାବେ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।ବକ୍ତାମାନେ କହିଥିଲେ ଯେ, ଦେଶର ବିଶାଳ ଯୁବଶକ୍ତିଙ୍କୁ ସ୍ୱଦେଶୀ ଚିନ୍ତାଧାରା ଓ ଜ୍ଞାନକୌଶଳ ସହ ଯୋଡ଼ି ସ୍ୱରୋଜଗାର ଦିଗରେ ପ୍ରେରିତ କରିବା ସମୟର ଆବଶ୍ୟକତା। ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କ ପାଇଁ ମଧ୍ୟ ରୋଜଗାରର ସୁଯୋଗ ସୃଷ୍ଟି କରିବା ଦ୍ୱାରା ବେରୋଜଗାରୀ ଦୂର ହୋଇପାରିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ସ୍ୱାବଲମ୍ବୀ ଭାରତ ଅଭିଯାନ ମାଧ୍ୟମରେ ବେରୋଜଗାରମୁକ୍ତ ଓ ଶୂନ୍ୟ ବିପିଏଲ୍? ଭାରତ ଗଠନ ପାଇଁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିଦ୍ୟାଧର ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ୱାଇ ଗଣପତି, ସ୍ୱଦେଶୀ ଜାଗରଣ ମଞ୍ଚର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ନାୟକ, ପ୍ରାନ୍ତ ଯୁବ ପ୍ରମୁଖ ଗୋଦାବରୀଶ ପାତ୍ର, ଧର୍ମ ଜାଗରଣ ଜିଲ୍ଲା ପରିଯୋଜନା ପ୍ରମୁଖ ଧୀରେନ୍ଦ୍ର ପାଣିଗ୍ରାହୀ ଓ ଅଖିଳ ଭାରତୀୟ ବନବାସୀ କଲ୍ୟାଣ ଆଶ୍ରମର ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ଭାଟି ଉଦ୍?ବୋଧନ ଦେଇଥିଲେ।ଏହି ଅବସରରେ ସଫଳ ଉଦ୍ୟୋଗୀ ରାମକୃଷ୍ଣ ପାଣିଗ୍ରାହୀ ନିଜର ସଫଳତାର ଅନୁଭୂତି ବାଣ୍ଟିଥିଲେ ଏବଂ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱଦେଶୀ ଯାତ୍ରା, ସ୍ୱଦେଶୀ ଅବଧାରଣା, ସ୍ୱାବଲମ୍ବୀ ଭାରତ ଅଭିଯାନ, ସ୍ୱାବଲମ୍ବନ କେନ୍ଦ୍ର ଓ ଦୀନଦୟାଲ ଉପାଧ୍ୟାୟ, ଦତ୍ତୋପନ୍ତ ଠେଙ୍ଗଡ଼ି ଏବଂ ବାବୁ ଗେନୁଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।ଜିଲ୍ଲାର ବିଭିନ୍ନ ବ୍ଲକ, ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳରୁ ଆସିଥିବା ବହୁ କାର୍ଯ୍ୟକର୍ତ୍ତା ଓ ପ୍ରତିନିଧି ଏଥିରେ ଯୋଗଦେଇଥିଲେ। ଶେଷରେ ସାମୂହିକ 'ବନ୍ଦେ ମାତରମ୍' ଗାନ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା।

ସିପାଏଜୁରୁ ଫୁଲବାଣୀକୁ ମୁଖ୍ୟମନ୍ତ୍ରୀ ବସ ସେବା ଯୋଗାଇଦେବାକୁ ଦାବୀ

ଘୁ.ଉଦୟଗିରି,୧୨।୬ (ଆନିସ): ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ କତିଙ୍ଗିଆ ପଞ୍ଚାୟତର ସିପାଏଜୁ ଠାରୁ ଭାୟା ଘୁ. ଉଦୟଗିରି ଦେଇ ଫୁଲବାଣୀ କୁ ମୁଖ୍ୟମନ୍ତ୍ରୀ ବସ୍? ସେବା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି। ଦୈନିକ ସିପାଏଜୁ ରୁ ଶ୍ରମିକ, ରୋଗୀ,ଛାତ୍ର ଛାତ୍ରୀ,ଗରିବ ମହିଳା,ଚାଷୀ ଆଦି ସିଧାସଳଖ ଯିବା ପାଇଁ କୌଣସି ବସ୍? ସେବା ନଥିବା ବେଳେ ଲୋକେ ଘୁ.ଉଦୟଗିରି କିମ୍ବା ମଣ୍ଡାକିଆ,ଦେଇ ସମୟ ନଷ୍ଟ କରି ଯାତାୟାତ କରିଥାନ୍ତି। ଯାହା ସାଧାରଣ ଲୋକଙ୍କ ପାଇଁ କଷ୍ଟକର ହୋଇଥିବା ବେଳେ ଏହି ପଞ୍ଚାୟତ ରୁ ସିଧାସଳଖ ମୁଖ୍ୟମନ୍ତ୍ରୀ ବସ୍? ସେବା ଯୋଗାଇ ଦେବାକୁ ଦାବୀ ହୋଇଛି। କତିଙ୍ଗିଆ ପଞ୍ଚାୟତ ଭଳି ରାଇକଲା, ଏବଂ ଲିଙ୍ଗାଗଡ଼ ପଞ୍ଚାୟତ ଗ୍ରାମାଞ୍ଚଳରୁ ଫୁଲବାଣୀକୁ ଯିବା ପାଇଁ କୌଣସି ବସ ସେବା ନଥିବ ବେଳେ ମୁଖ୍ୟମନ୍ତ୍ରୀ ବସ୍? ସେବା ଯାତାୟାତ କରିବାକୁ କତିଙ୍ଗିଆର ପୂର୍ବତନ ସରପଞ୍ଚ ଅବନେଶ୍ୱର ପ୍ରଧାନ ଙ୍କ ସହିତ ଏହି ତିନୋଟି ପଞ୍ଚାୟତବାସି ଦାବୀ କରିଛନ୍ତି।

ଘୁ.ଉଦୟଗିରିର ପ୍ରତାପରୁଦ୍ରଙ୍କୁ ନାଟ୍ୟଶାସ୍ତ୍ର ପୁରସ୍କାର

ଘୁ.ଉଦୟଗିରି,୧୨।୬ (ଆନିସ): ଘୁ.ଉଦୟଗିରିର ପ୍ରତାପ ରୁଦ୍ର ପାତ୍ରଙ୍କୁ ମିଳିଛି ନାଟ୍ୟଶାସ୍ତ୍ର ପୁରସ୍କାର ସମ୍ମାନ।ଭୁବନେଶ୍ୱର ଜୟଦେବ ଭବନ ଠାରେ ସର୍ବ ଭାରତୀୟ କଳା ଏବଂ ସଂସ୍କୃତି କମିଟି ଏବଂ ସାଂସ୍କୃତିକ ଉନ୍ନୟନ ଫାଉଣ୍ଡେସନର ମିଳିତ ପ୍ରଚେଷ୍ଟାରେ ଆୟୋଜିତ ଏହି ସମ୍ମାନ ସମାରୋହରେ ଶ୍ରୀ ପାତ୍ରଙ୍କୁ ମାନପତ୍ର, ଉପଢୌକନ ସହିତ ଟ୍ରଫି ଦେଇ ସଂମ୍ମାନିତ କରାଯାଇଛି।ସର୍ବଭାରତୀୟ କଳା ଏବଂ ସଂସ୍କୃତି କମିଟି ସଭାପତି ମନୋଜ ପଣ୍ଡା, ସମ୍ପାଦକ ଉପେନ୍ଦ୍ର ଶର୍ମା, ଯାତ୍ରା ଜଗତର ବରିଷ୍ଠ କଳାକାର ବାପି ପଣ୍ଡାଙ୍କ ସହିତ କଳା ସଂସ୍କୃତି ସଚିବ ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରୀପାତ୍ର କଳାକାର ଭାବେ ବେଶ ଜଣାଶୁଣା ଥିବା ବେଳେ ବିଭିନ୍ନ ସଚେତନତା ଟେଲି ଫିଲ୍ମ କରି ବିଭିନ୍ନ ସ୍ଥାନରେ ସମ୍ମାନିତ ହୋଇଛନ୍ତି।

ପାରଳାଖେମୁଣ୍ଡି:ଜୋରସୋରରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ

ପାରଳାଖେମୁଣ୍ଡି,୧୨।୬ (ଆନିସ): ପ୍ରସିଦ୍ଧି ଲାଭ କରିଥିବା ପାରଳାଖେମୁଣ୍ଡି ପବିତ୍ର ରଥଯାତ୍ରା ନିମନ୍ତେ ପାରଳା ରାଜଦାଣ୍ଡରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇଛି। ବର୍ତ୍ତମାନର ଉତ୍ତପ୍ତ ଖରାକୁ ଖାତିର ନକରି ପାରଳା ରାଜଦାଣ୍ଡ ସ୍ଥିତ ରଥଖଳାରେ ରଥ ନିର୍ମାଣ କରୁଥିବା କାରିଗରମାନେ ଦିନରାତି ରଥ ନିର୍ମାଣରେ ଲାଗି ପଡିଛନ୍ତି. ବର୍ତ୍ତମାନ ୩ ଗୋଟି ରଥର ଚକ, ଅଖ, ଦଣ୍ଡା ଓ ଅନ୍ୟାନ୍ୟ ଅଂଶ ନିର୍ମାଣ କାମ ଚାଲିଛି। ରଥ ନିର୍ମାଣର ମୁଖ୍ୟ କାରିଗର ଅଶୋକ ମହାରଣା କହିଛନ୍ତି ଯେ, ଆମ୍ଭମାନଙ୍କ ପୂର୍ବପୁରୁଷ ଅମଳରୁ ତିନି ଠାକୁରଙ୍କ ପବିତ୍ର ରଥ ନିର୍ମାଣ କାର୍ଯ୍ୟ ତୁଲାଇ ଆସୁଅଛୁ । ଚଳିତ ବର୍ଷ ମଧ୍ୟ ଠିକ ସମୟରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି ଏବଂ ରଥଯାତ୍ରା ଦିନ ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ହେବ. ଗଜପତି ପ୍ରଶାସନ ଚଳିତ ବର୍ଷର ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସଫଳ ରୂପାୟନ ପାଇଁ ସମସ୍ତ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

ଗୁପ୍ତେଶ୍ୱର ବନବିଭାଗର ଚଢ଼ଉ, ଶାଗୁଆନ କାଠ ପଟ୍ଟା ସହ ବାଇକ୍ ଜବତ

ବୈପାରିଗୁଡା,୧୨।୬ (ଆନିସ): ବୈପାରିଗୁଡା ବ୍ଲକ ସ୍ଥିତ ଗୁପ୍ତେଶ୍ୱର ବନାଞ୍ଚଳ ଅଧିକାରୀ ଛବି ରନ୍ଧାରୀ ଏବଂ ପଣସପୁଟ ସେକ୍ସନର ବନପାଳ ଲଳିତା ବିଡିକାଙ୍କ ନେତୃତ୍ୱରେ ବନରକ୍ଷୀ ସସ୍ମିତା ମାଇତି, ସତ୍ୟବ୍ରତ ପ୍ରଧାନଙ୍କ ସହ ପାରା କର୍ମଚାରୀ ମୋହନ ଓଡ଼ିଆ, ରମେଶ ପୂଜାରୀ, ରାମଚନ୍ଦ୍ର ଦଳପତି, ଚନ୍ଦ୍ର ପୂଜାରୀ, କିଶୋର ସାଆନ୍ତା ସମେତ ବନ କର୍ମଚାରୀଙ୍କ ସହ ଏକ ଟିମ୍ ଗଠନ କରି ବିଭାଗର ଚଢ଼ଉ ହୋଇଥିଲା। ଗୁପ୍ତେଶ୍ୱର ବନାଞ୍ଚଳ ଅଧିନସ୍ଥ ପଣସପୁଟ ସେକ୍ସନ ପକ୍ଷରୁ ରାତ୍ରୀକାଳୀନ ପେଟ୍ରୋଲିଂ ବେଳେ ଚୋରା କାଠ ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ଚଢ଼ଉରେ ୧୦ଟି ଶାଗୁଆନ କାଠ ପଟ୍ଟା ସହ ଏକ ବାଇକ୍ ଜବତ ହୋଇଥିବା ବେଳେ କାଠ ମାଫିଆ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ବୈପାରିଗୁଡା ବ୍ଲକର ଗୁପ୍ତେଶ୍ୱର ବନାଞ୍ଚଳ ଅଧୀନ ପଣସପୁଟ ନିକଟରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ରାତ୍ରୀକାଳୀନ ପେଟ୍ରୋଲିଂ ସମୟରେ କାଠ ମାଫିଆ ବାଇକ୍ ଯୋଗେ ଚୋରାରେ ଶାଗୁଆନ କାଠ ଚାଲାଣ କରୁଥିବା ସୂଚନା ପାଇ ବନ କର୍ମଚାରୀମାନେ ତୁରନ୍ତ ଚଢ଼ଉ କରିଥିଲେ। ବନ ବିଭାଗର ଗାଡ଼ି ଦେଖି କାଠ ମାଫିଆ ବାଇକ୍ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବନ ବିଭାଗ ଘଟଣାସ୍ଥଳରୁ ୧୦ଟି ଶାଗୁଆନ କାଠ ପଟ୍ଟା ସହ ଚାଲାଣରେ ବ୍ୟବହୃତ ବାଇକ୍‌କୁ ଜବତ କରିଛି। ଏହି ଘଟଣାରେ ବନ ବିଭାଗ ଏକ ମାମଲା ରୁଜୁ କରି ଫେରାର କାଠ ମାଫିଆଙ୍କୁ ଚିହ୍ନଟ ଓ ଗିରଫ ପାଇଁ ତଦନ୍ତ ଜାରି ରଖିଛି। ବନ ସମ୍ପଦ ସୁରକ୍ଷା ପାଇଁ ଆଗାମୀ ଦିନରେ ଏଭଳି ଚଢ଼ଉ ଓ ପେଟ୍ରୋଲିଂକୁ ଆହୁରି ଜୋରଦାର କରାଯିବ ବୋଲି ଗୁପ୍ତେଶ୍ୱର ବନାଞ୍ଚଳ ଅଧିକାରୀ ଛବି ରନ୍ଧାରୀ ସୂଚନା ଦେଇଛନ୍ତି।

ରାମନାଗୁଡ଼ାରେ ଏସଆଇଆର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ଜିଲ୍ଲାପାଳ

୧ ବର୍ଷ ଧରି ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଶିକ୍ର ଦିଗାଳ ।

ଅସହାୟ ଭାବେ ପତ୍ନୀଙ୍କ ସହ କାଟୁଛନ୍ତି ଜୀବନ

ଦାରିଙ୍ଗବାଡି, ୧୨/୬ (ଆନିସ) କନ୍ଧମାଳ ଜିଲ୍ଲାର ଅନେକ ଗରିବ ଓ ଅସହାୟ ଲୋକେ ଭତ୍ତା ନ ପାଇ ଏବେ ଯନ୍ତ୍ରଣା ଦାୟକ ଜୀବନ ଜିଉଁଛନ୍ତି । ଆଉ ଯେଉଁ ମାନେ ଭତ୍ତା ଟଙ୍କା ଉପରେ ନିର୍ଭର କରି ପେଟ ପୋଷନ୍ତି, ସେହିମାନେ ଏବେ ଭତ୍ତା ନ ପାଇ ଅଧିକ କଲବଲ ହେବାରେ ଲାଗିଛନ୍ତି । ଏମିତି ଜଣେ ବୃଦ୍ଧ ହିତାଧିକାରୀ ରହିଛନ୍ତି, ଯାହାଙ୍କୁ କି ଦୀର୍ଘ ୧ ବର୍ଷ ହେଲାଣି ଭତ୍ତା ଟଙ୍କାରୁ ପାଇବାରୁ ବଞ୍ଚିତ ରହିଛନ୍ତି । ସେ ହେଉଛନ୍ତି ବାଲିଗୁଡା ବ୍ଲକ ସୁଡ୍ରା ପଞ୍ଚାୟତ ଗଟାଙ୍ଗି ଗ୍ରାମର ଶିକ୍ର ଦିଗାଳ । ଗତ ବର୍ଷ ମଇ ମାସରେ ହିଁ ତାଙ୍କ ଜମା ଖାତାକୁ ଟଙ୍କା ଆସିଥିଲା । ଆଉ ଏହା ପରେ ଆଜି ଯାଏ ତାଙ୍କ ଜମା ଖାତାକୁ କୌଣସି ଟଙ୍କା ଆସିନାହିଁ । ଗୋଟିଏ ବର୍ଷ ବିତି ଯାଇଥିଲେ ମଧ୍ୟ ତାଙ୍କ ଜମା ଖାତାରେ ଭତ୍ତା ଟଙ୍କା ଜମା ହେଉନାହିଁ । ଫଳରେ ଶିକ୍ର ଦିଗାଳ ଭତ୍ତା ଟଙ୍କା ନ ପାଇ ଏବେ ସେ ଦୟନୀୟ ପରିସ୍ଥିତିରେ ଗତି କରୁଛନ୍ତି । ବୟସ ଅଧିକ ହୋଇଯିବା କାରଣରୁ ସେ ଘରୁ ବାହାରକୁ ବାହାରିବା ମଧ୍ୟ କଷ୍ଟକର ହୋଇଗଲାଣି । ଅନେକ ଦିନ ଧରି ସ୍ୱାସ୍ଥ୍ୟବସ୍ଥା ଠିକ ରହୁନଥିବା କାରଣରୁ ପ୍ରାୟ ସମୟ ସେ ଶଯ୍ୟାଶାୟୀ ରହୁଛନ୍ତି । ତାଙ୍କ ପତ୍ନୀ ସାଉଟି ଦିଗାଳ ମଧ୍ୟ ଗତ ଦୁଇ ମାସ ହେଲା ଭତ୍ତା ଟଙ୍କାରୁ ବଞ୍ଚିତ ରହିଛନ୍ତି । ଘର କହିଲେ ଆଜବେଷ୍ଟସ ଭଙ୍ଗା ଦଦରା ଘରେ ଉଭୟ ସ୍ୱାମୀ ସ୍ତ୍ରୀ ଦୁଃଖ କଷ୍ଟରେ ପଡି ରହିଛନ୍ତି । ସେମାନଙ୍କ ଦୁଇ ଝିଅ ।ହ ପର ଠାରୁ ଦୂର ଗାଁରେ ରହୁଛନ୍ତି । ସେମାନଙ୍କ ଭଲ ମନ୍ଦ ବୁଝିବା ପାଇଁ ପାଖରେ କେହି ନାହାନ୍ତି ।

ଭାଗ୍ୟକୁ ଆଦରି ଉଭୟ ସ୍ୱାମୀ ସ୍ତ୍ରୀ ଏବେ ଭତ୍ତା ଟଙ୍କାକୁ ଅନେଇ ବସିଥିଲେ ମଧ୍ୟ ତାହା ଏବେ ସାତ ସାପନ ପାଲଟିଛି । ଖାଉଟି ଚାଉଳ ଯାହା ମିଳୁଛି ସେଥିରେ ତାଙ୍କର ପେଟ ପୁରୁଛି । କିନ୍ତୁ ହାତରେ ଟଙ୍କାଟିଏ ନଥିବା କାରଣରୁ ଔଷଧ କିମ୍ବା ବିସ୍କୁଟ ପ୍ୟାକେଟ କିଣିବାକୁ ମଧ୍ୟ ସକ୍ଷମ ନାହାନ୍ତି । ଏଭଳି ଦୟନୀୟ ଜୀବନ କାଟୁଥିବା ଶିକ୍ର ଦିଗାଳ ଓ ଟୁଇସା ଦିଗାଳ ଭାଗ୍ୟକୁ ଆଦରି ଘରେ ରହିଛନ୍ତି । ଅନ୍ୟପଟେ ଶିକ୍ର ଦିଗାଳ ଗ୍ରାମ ପଂଚାୟତକୁ ଯାଇ ଭତ୍ତା ଟଙ୍କା ଆଣି ପାରିବେ ବୋଲି ବାଲିଗୁଡା ବିଡ଼ିଓ ଅକ୍ଷୟ ମଲିକ କହିଛନ୍ତି । ସେ ପୂର୍ବରୁ ବ୍ୟାଙ୍କକୁ ଯାଇ ଟଙ୍କା ଉଠେଇ ଆଣୁଥିଲେ ଏବେ କିନ୍ତୁ ସେ ପଞ୍ଚାୟତରେ ଭତ୍ତା ଟଙ୍କା ନେବା ପାଇଁ ଆବେଦନ କରିଥିବେ, ତେଣୁ ତାଙ୍କ ଜମା ଖାତାକୁ ଟଙ୍କା ଆସୁନାହିଁ । ସେ ପଞ୍ଚାୟତକୁ ଯାଇ ତାଙ୍କର ବକେୟା ଭତ୍ତା ଟଙ୍କା ଗ୍ରହଣ କରିନି ଅନ୍ତୁ ବୋଲି ବିଡ଼ିଓ ଜଣାଇଛନ୍ତି ।

ଦଶପଲ୍ଲା ବିଡ଼ିଓଙ୍କୁ ପଥର ମାଡ

.ଦଶପଲ୍ଲା, ୧୨/୬ (ଆନିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକର ବିଡିଓ ଶରତ କୁମାର ମଲ୍ଲିକଙ୍କୁ ପଥର ମାଡ ଘଟଣା ସମସ୍ତଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ହୋଇପଡିଛି। ଆଜି ବିଡିଓ ଶରତ କୁମାର ମଲ୍ଲିକ ଏସ ଆଇ ଆର କାର୍ଯ୍ୟକ୍ରମ ସାରି ଫେରୁଥିବା ସମୟରେ ଦଶପଲ୍ଲା ଥାନା ନଛିପୁର ଗ୍ରାମ ନିକଟରେ ଦୁଇ ଜଣ ଦୁବୃର୍ତ୍ତ ବାଇକରେ ଆସି ହଠାତ୍ ପଥର ମାଡ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଯଦ୍ୱାରା ବିଡ଼ିଓଙ୍କ ଗାଡ଼ିର କାଚ ଭାଙ୍ଗିବା ସହ ଡ୍ରାଇଭର ଆହାତ ହୋଇଥିବାବେଳେ ପଥରଟି ଆସି ଗାଡ଼ି ଭିତରେ ବିଡ଼ିଓଙ୍କ ଗୋଡ଼ରେ ବାଜିଥିଲା। ଏଭଳି ଘଟଣା କିଏ ଓ କାହିଁକି ଘଟାଇବା ତାହା ଏବେ ଜନସାଧାରଣଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି।

କେନାଲରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

ନୟାଗଡ, ୧୨/୬ (ଆନିସ): ନୟାଗଡ଼ ସଦର ଥାନା ରାଇପୁର ଗାଁର ଯୁବକ କାହ୍ନୁ ସେଠିଙ୍କ ମୃତ ଦେହ ତୋଟା ସାହି ପାଲୁଅ ବାରି କେନାଲ ରୁ ଉ ଦ୍ଧାର ହୋଇଛି ଆଜି ସକାଳୁ ଘଟଣା ଜଣା ପଡିବା ପରେ ଘଟଣା ସ୍ଥଳରେ ନୟାଗଡ଼ ଏସଡିପିଓ ସୃଷ୍ଟି ପ୍ରଧାନ ଓ ସାଇଣ୍ଟିଫିକ ଟିମ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି ସନ୍ଧନୀ କୁକୁରର ସହାୟତା ମଧ୍ୟ ନିଆଯାଇଛି ଗତକାଲି ଠାରୁ କାହ୍ନୁ କାମକୁ ଯାଇ ଆଉ ଘରକୁ ଫେରି ନଥିଲେ, ଘଟଣା ସ୍ଥଳରୁ ବିଦେଶୀ ମଦ ବୋତଲ, ବିଷ ମିଶା ସ୍ପ୍ରାଇଟବୋତଲ, ଚପଲ, ଜଳଖିଆ ପ୍ୟାକେଟକୁ ଜବତ କରିଛି ପୋଲିସ ପ୍ରାରମ୍ଭିକ ତଦନ୍ତ ତଥା ପାରିବାରିକ ଟଙ୍କା କୁ ନେଇ ହତ୍ୟା ଘଟଣା ହୋଇଥିବା ଅନୁମାନ ସହ ସନ୍ଦେହ କରାଯାଉଛି ଦୁଇ ବର୍ଷ ତଳେ କାହ୍ନୁ ସେଠିଙ୍କ ବାପା କେରଳରେ ମୃର୍ତ୍ୟୁ ହୋଇଥିବା ବେଳେ ଏକ ମାତ୍ର ଘରର ରୋଜଗାରିଆ ପୁଅ ଥଲେ କାହ୍ନୁ ଦିନ ମଜୁରିଆ କାମ କରି ଘରଚଳାଉ ଥିବା ଗ୍ରାମବାସୀ ମାନେ କହିଥିବା ବେଳେ ଅଧିକ ତଦନ୍ତ ପାଇଁ ପୋଲିସ କାହ୍ନୁ ଙ୍କ ଭଉଣୀ ଓ ଭିଣୋଇଙ୍କୁ ଅଟକରଖିଥିବା ଶୁଣିବକି ମିଳିଛି

ଶ୍ରୀମନ୍ଦିର ପ୍ରଶାସନ ଆବେଦନ କରିଥିବା ଦସ୍ତାବିଜ୍‌ରୁ ତିନିଟିକୁ ସ୍ୱୀକୃତି

ପୁରୀ, ତ୧୨।୬: ଇଣ୍ଡିଆ ପେଟେଣ୍ଟ ରେ ୨୯ ଟି ୱାର୍ଡ ମାର୍କ ସ୍ୱୀକୃତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆବେଦନ କରିଥିବା ଦସ୍ତାବିଜ୍ ରୁ ତିନିଟି କୁ ସ୍ୱୀକୃତି ମିଳିଛି। ପ୍ରାଥମିକ ପର୍ଯ୍ୟାୟରେ ଆନନ୍ଦ ବଜାର, ପତିତପାବନ ଓ ଶ୍ରୀମନ୍ଦିର ପ୍ରଶାସନ ଲୋଗୋ କୁ ସ୍ୱୀକୃତି ମିଳିଛି। ଏଣିକି ଆନନ୍ଦ ବଜାର, ପତିତପାବନ ଶବ୍ଦ କୁ ଆଉ କେହି ବ୍ୟବହାର କରିପାରିବେ ନାହିଁ। ଏହି ଶବ୍ଦ କେବଳ ଶ୍ରୀମନ୍ଦିର ପ୍ରଶାସନ ବ୍ୟବହାର କରିବାକୁ ସ୍ୱୀକୃତି ଦିଆଯାଇଛି। ସେହିଭଳି ଶ୍ରୀମନ୍ଦିର ପ୍ରଶାସନ ବ୍ୟବହାର କରିଆସୁଥିବା ଲୋଗୋ କୁ ମଧ୍ୟ ଆଉ କେହି ବ୍ୟବହାର କରିପାରିବେ ନାହିଁ। ଅନ୍ୟ ୨୬ ଟି ୱାର୍ଡମାର୍କ ପାଇଁ ଇଣ୍ଡିଆ ପେଟେଣ୍ଟ ଆଉ କିଛି ତଥ୍ୟ ଶ୍ରୀମନ୍ଦିର ପ୍ରଶାସନ ଠାରୁ ତଲବ କରିଛନ୍ତି। ଏହି ସମ୍ପର୍କିତ ତଥ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଦାନ କରାଯିବ।

ଶ୍ରୀମନ୍ଦିର ରେ ବ୍ୟବହାର ହେଉଥିବା ଶବ୍ଦାବଳୀ କୁ ପେଟେଣ୍ଟ କରାଯାଇନଥିବାରୁ ଏହାର ଅପବ୍ୟବହାର ହେଉଛି। ଅନେକ ବ୍ୟକ୍ତି ଶ୍ରୀମନ୍ଦିର ସମ୍ପର୍କିତ ଶବ୍ଦାବଳୀ କୁ ନିଜର ବ୍ୟବସାୟିକ ଅନୁଷ୍ଠାନ ରେ ବ୍ୟବହାର କରୁଛନ୍ତି। କିଛିଦିନ ତଳେ ଦୀଘା ଜଗନ୍ନାଥ ମନ୍ଦିର କୁ ଶ୍ରୀଜଗନ୍ନାଥ ଧାମ ନାମକରଣ କୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଧାମ ଶବ୍ଦ କୁ ନେଇ ଶ୍ରୀମନ୍ଦିର ପ୍ରଶାସନ ନିକଟ ରେ ପେଟେଣ୍ଟ ନଥିବାରୁ ପ୍ରଶାସନ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନଥିଲା। ଏବେବି ଅନେକ ଶବ୍ଦ ରହିଛି ଯାହା ଶ୍ରୀମନ୍ଦିରରେ ସ୍ୱତନ୍ତ୍ର। ଏହାକୁ କେହି ବ୍ୟବହାର କାଳେ ଶ୍ରୀମନ୍ଦିର ପ୍ରଶାସନ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ। ଏଣୁ ଶ୍ରୀମନ୍ଦିର ରେ ବ୍ୟବହାର ହେଉଥିବା ସ୍ୱତନ୍ତ୍ର ଶବ୍ଦାବଳୀ ର ଅପବ୍ୟବହାର ରୋକିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ୨୯ ଟି ସ୍ୱତନ୍ତ୍ର ଶବ୍ଦ ର ପେଟେଣ୍ଟ ପାଇଁ ଆବେଦନ କରାଯାଇଛି। ଏହି ସବୁ ଶବ୍ଦାବଳୀ କୁ ପେଟେଣ୍ଟ ମିଳିଗଲେ ଆଗାମି ଦିନରେ ଏହି ଶବ୍ଦାବଳୀ କୁ କେବଳ ଶ୍ରୀମନ୍ଦିର ପ୍ରଶାସନ ବ୍ୟବହାର ପାଇଁ ଅଧିକୃତ ରହିବ। ଅନ୍ୟ କେଉଁଠି ବ୍ୟବହାର ହେଲେ ଶ୍ରୀମନ୍ଦିର ପ୍ରଶାସନ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରିବ। ତେବେ ଶ୍ରୀମନ୍ଦିର ସମ୍ପର୍କିତ ଶବ୍ଦାବଳୀ କୁ ପେଟେଣ୍ଟ ମିଳିବା ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ନିଜ କହିଛନ୍ତି, ଜଗନ୍ନାଥ ଧାମ ହେଉଛି ଶ୍ରୀକ୍ଷେତ୍ର ପୁରୀ। ଏହା ହେଉଛି ମହାପ୍ରଭୁ ଙ୍କ ମୂଳ ପୀଠ। ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ଯେଉଁ ନାମକରଣ ହୋଇଥିଲା ତାହାର ହଟାଇବା ପାଇଁ ପଶ୍ଚିମବଙ୍ଗ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ଆମେ ତାଙ୍କୁ ଧନ୍ୟବାଦ ଦେଉଛୁ। ଏ ନେଇ ରାଜ୍ୟ ସରକାରଙ୍କ ଉଦ୍ୟମ କୁ ନେଇ ଆମେ କୃତଜ୍ଞତା ଜ୍ଞାପନ କରୁଛୁ। ଆମେ ଶ୍ରୀମନ୍ଦିର ରେ ବ୍ୟବହୃତ ହେଉଥିବା ୨୯ ଟି ଶବ୍ଦାବଳୀ କୁ ପେଟେଣ୍ଟ ପାଇଁ ଆବେଦନ କରିଥିଲୁ। ତେବେ ଏଥି ମଧ୍ୟରୁ ୩ଟି ୱାର୍ଡମାର୍କ ଆମକୁ ଅନୁମୋଦନ ହୋଇସାରିଛି। ଆନନ୍ଦବଜାର, ଶ୍ରୀପତିତପାବନ ଓ ଶ୍ରୀମନ୍ଦିର ପ୍ରଶାସନ ର ଲୋଗୋ କୁ ପେଟେଣ୍ଟ ମିଳିଛି। ଅନ୍ୟ ୨୬ ଟି ଶବ୍ଦାବଳୀ ର ପେଟେଣ୍ଟ ପାଇଁ ଆମକୁ କିଛି ତଥ୍ୟ ମାଗିଛନ୍ତି। ଆମେ ତାଙ୍କୁ ଖୁବ୍ ଶୀଘ୍ର ପ୍ରଦାନ୍ କରିବୁ। ଖୁବ୍ ଶୀଘ୍ର ଅନ୍ୟ ୱାର୍ଡମାର୍କ ର ମଧ୍ୟ ପେଟେଣ୍ଟ ଆମକୁ ମିଳିବ ବୋଲି ଆଶା କରୁଛୁ। ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ଭକ୍ତ ନିବାସ ଗୁଡିକରେ ସାଇବର୍ ଠକେଇ ରୋକିବା ପାଇଁ ଆମେ ପଦକ୍ଷେପ ଗ୍ରହଣ କରୁଛୁ।

---

୨୮ ବର୍ଷ ପରେ ଏକାଠି ହେଲେ ୧୯୯୮ ବ୍ୟାଚର ସହପାଠୀ : ଗୁରୁପୂଜନ, ବନ୍ଧୁମିଳନ ଓ 'ସ୍ମୃତିର ଝଲକ' ପୁସ୍ତକ ଉନ୍ମୋଚନ

ଯାଜପୁର, ୧୨/୬ (ଆନିସ): ବିଂଝାରପୁର ବ୍ଲକ ଅନ୍ତର୍ଗତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଓଲେଇ ଚନ୍ଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୮ ମାଟ୍ରିକ ବ୍ୟାଚର ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ଶୁକ୍ରବାର ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୮ ବର୍ଷ ପରେ ଏକାଠି ହୋଇଥିବା ସହପାଠୀମାନେ ବିଦ୍ୟାଳୟ ଜୀବନର ଅମଳିନ ସ୍ମୃତିକୁ ମନେପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ। କାର୍ଯ୍ୟକ୍ରମଟି ଶିକ୍ଷକ–ଶିକ୍ଷୟିତ୍ରୀଙ୍କ ପ୍ରତି କୃତଜ୍ଞତା, ବନ୍ଧୁତ୍ୱର ନିବିଡ଼ତା ଓ ସାମାଜିକ ଦାୟିତ୍ୱବୋଧର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ପାଲଟିଥିଲା।

ଉତ୍ସବରେ ଦୁର୍ଯ୍ୟଧନ ଦାସ ସଭାପତିତ୍ୱ କରିଥିବା ବେଳେ ପ୍ରଦୀପ କୁମାର ଜେନା ସଭା ପରିଚାଳନା କରିଥିଲେ। ପ୍ରଥମେ ଉପସ୍ଥିତ ଗୁରୁଜନମାନଙ୍କୁ ଫୁଲ ଓ ଚନ୍ଦନ ଅର୍ପଣ କରି ଗୁରୁପୂଜନ କରାଯାଇଥିଲା। ପରେ ଦୀପ ପ୍ରଜ୍ୱଳନ ସହ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।

ଏହି ଅବସରରେ ୧୯୯୮ ବ୍ୟାଚର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସମ୍ପାଦିତ ଓ ପ୍ରକାଶିତ ସ୍ମରଣୀୟ ପୁସ୍ତକ 'ସ୍ମୃତିର ଝଲକ' କୁ ମଞ୍ଚାସୀନ ସଭାପତି ଓ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପୁସ୍ତକଟିରେ ବିଦ୍ୟାଳୟ ଜୀବନର ଅନୁଭୂତି, ସହପାଠୀଙ୍କ ସ୍ମୃତିଚାରଣ, ଗୁରୁଜନଙ୍କ ଅବଦାନ ଏବଂ

ବିଭିନ୍ନ ପ୍ରେରଣାଦାୟକ ଲେଖା ସ୍ଥାନ ପାଇଥିବା ଜଣାପଡ଼ିଛି।

ବିଶେଷ ଆକର୍ଷଣ ଥିଲା ୫୭ ଜଣ ସହପାଠୀଙ୍କ ଉପସ୍ଥିତି। ସମସ୍ତେ ନିଜ ନିଜ କର୍ମଜୀବନ ଓ ପାରିବାରିକ ବ୍ୟସ୍ତତା ମଧ୍ୟରୁ ସମୟ କାଢ଼ି ପୁରୁଣା ବିଦ୍ୟାଳୟ ପ୍ରାଙ୍ଗଣରେ ଏକତ୍ରିତ ହୋଇଥିଲେ। ବିଦ୍ୟାଳୟରେ ପଢ଼ୁଥିବା ସମୟର ବିଭିନ୍ନ ଘଟଣା, ଶିକ୍ଷକମାନଙ୍କ ସ୍ନେହ, ଶୃଙ୍ଖଳା ଓ ସଫଳତାର କାଁହାଣୀକୁ ମନେପକାଇ ସେମାନେ ଅତୀତକୁ ଫେରିଯାଇଥିଲେ।

ସାମାଜିକ ଓ ସାଂସ୍କୃତିକ ଦାୟିତ୍ୱବୋଧର ପରିଚୟ ଦେଇ ଏହି ବ୍ୟାଚର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ଏକ ଶ୍ରୀଗଣେଶ ମୂର୍ତ୍ତି ସ୍ଥାପନ କରିଛନ୍ତି। ଏହାସହ ଗୁରୁବାର ଦିନ ବିଦ୍ୟାଳୟ ପରିସରକୁ ସ୍ୱଚ୍ଛ କରିବା ପାଇଁ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ପ୍ରତି ସଚେତନତାର ବାର୍ତ୍ତା ଦିଆଯାଇଥିଲା। ଭବିଷ୍ୟତରେ ବିଦ୍ୟାଳୟର ବିକାଶ, ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ଏବଂ ଶିକ୍ଷାର ଉନ୍ନତି ପାଇଁ ସମସ୍ତ ସହପାଠୀ ମିଳିତ ଭାବେ କାମ କରିବାକୁ ସଂକଳ୍ପ ନେଇଥିଲେ।ଉସବରେ ବିଦ୍ୟାଳୟର ୨୪ ଜଣ ବିଶିଷ୍ଟ ବ୍ୟକ୍ତିଓ ସହପାଠୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକୀ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ହେଲେ ଦୁର୍ଯ୍ୟଧନ ଦାସ, ଅଶୋକ କୁମାର ଦାସ , ପ୍ରଦୀପ କୁମାର ଜେନା , ରତିକାନ୍ତ ଦାସ, ବିଗ୍ନେଶ ଥାଟୋଇ, ସୋମନାଥ ବାରିକ, ସୁରଭି ପରିଡ଼ା, ଶୁଶ୍ରୀ ଲିପିକା ଦାସ, କବିତା ବରଦା, ଦିବାକର ମଲିକ, ପ୍ରଦୀପ୍ତ ମିଶ୍ର, ଆରତୀ ପଟେଲ, ଆନନ୍ଦ କୁମାର ଦାସ,ଦାମୋଦର ନାୟକ, ଦେବେନ୍ଦ୍ରସାମଲ, କିଶୋର ମଲ୍ଲିକ, କୃପାସିନ୍ଧୁପତି, ରମେଶ ଚନ୍ଦ୍ର ଥଟୋଇ, ନରୋତ୍ତମ ନାୟକ, ପରମେଶ୍ୱର ରାଉତ, ରଞ୍ଜୀତ କୁମାର ସାହାଣୀ, ଅନନ୍ତ ଚରଣ ବାରିକ, ରାମ ଚନ୍ଦ୍ର ବେହେରା ଏବଂ ସୁବାଷ କୁମାର ମଲିକା ଶେଷରେ ସମସ୍ତ ସହପାଠୀ ଏପରି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରିବା ସହ ବିଦ୍ୟାଳୟ ଓ ସମାଜର ଉନ୍ନତି ପାଇଁ ସମୂହ ଉଦ୍ୟମ ଜାରି ରଖିବାକୁ ମତ ପ୍ରକାଶ କରିଥିଲେ। ଗୁରୁଜନଙ୍କ ଆଶୀର୍ବାଦ ଓ ସହପାଠୀଙ୍କ ଆତ୍ମୀୟ ମିଳନ ଏହିଆୟୋଜନକୁ ସ୍ମରଣୀୟ ଓ ଐତିହାସିକ କରିଥିଲା।

ବିର୍ସା ମୁଣ୍ଡାଙ୍କ ହାତରେ କେ.ଏମ.ଏମ୍ ଦଳୀୟ ପତାକା ଧରିଥିବା ଚିତ୍ର କୁ ନେଇ ଥାନାରେ ଅଭିଯୋଗ

ଖପ୍ରାଖୋଲ ୧୨।୦୬ (ଆନିସ) : ଆଦିବାସୀଙ୍କ ଗୌରବ ଧରତି ଆବା ବିର୍ସା ମୁଣ୍ଡାଙ୍କ ଫଟୋ ଚିତ୍ରକୁ କୋଶଲ ମୁକ୍ତି ମୋର୍ଚ୍ଚାର ସାଙ୍ଗଠନିକ ବୈଠକର ବ୍ୟାନରରେ ବିକୃତ ଭାବରେ ଦଳୀୟ ପତାକା ଧରିଥିବା ଫଟୋକୁ ନେଇ ଆଦିବାସୀ ସଂଘ ପୋଲିସ ମହାନିର୍ଦ୍ଦେଶକ ଙ୍କୁ ଖପ୍ରାଖୋଲ ଥାନା ଅଧିକାରୀଙ୍କ ଜରିଆରେ ଗୁରୁବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କର ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ଗତ ବୁଧବାର କୋଶଲ ମୁକ୍ତି ମୋର୍ଚ୍ଚା ତରଫରୁ ହରିଶଙ୍କର ଠାରେ ଅନୁଷ୍ଠିତ ସାଙ୍ଗଠନିକ ମାନସ ମଞ୍ଚନ ବୈଠକ ରେ ଲଗାଯାଇଥିବା ବ୍ୟାନର ରେ ଧାରତି ଆବା ବିର୍ସା ମୁଣ୍ଡାଙ୍କ ହାତରେ (କେ.ଏମ.ଏମ୍) ର ପତାକା ଧରିଥିବା ଫଟୋ ଲଗାଯିବାକୁ ନେଇ ଅସନ୍ତୋଷ ପ୍ରକାଶ କରି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକାରୀ ମାନେ କୋଶଲ ମୁକ୍ତି ମୋର୍ଚ୍ଚା ମାନଙ୍କ ବିରୁଦ୍ଧରେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉଲ୍ଲେଖ କରିଛନ୍ତି ।

୧୦୮ ଆମ୍ବୁଲାନ୍ସ ଭିତରଟା ନିଆଁ କୁଣ୍ଡ

ପ୍ରଚଣ୍ଡ ଖରାରେ ଅଚଳ ଏସି , ଗୁରୁତର ରୋଗୀଙ୍କ ଜୀବନ ସହ ଖେଳ।

ରାଇରଙ୍ଗପୁର , ୧୨।୬ (ଆନିସ): ମୟୂରଭଞ୍ଜ ଜିଲ୍ଲାରେ ସେବାର ସାଂଘାତିକ ଚିତ୍ର! ସରକାରଙ୍କ ମାଗଣା ୧୦୮ ଆମ୍ବୁଲାନ୍ସ ସେବା ଆଜି ରୋଗୀଙ୍କ ପାଇଁ ସାହାଯ୍ୟ ବଦଳରେ ସାଜିଛି ଅଭିଶାପ। ବାହାରେ ୪୦ ରୁ ୪୫ ଡିଗ୍ରୀର ପ୍ରଚଣ୍ଡ ରୌଦ୍ରତାପ ଚାଲିଥିବା ବେଳେ, ଆମ୍ବୁଲାନ୍ସ ଭିତରେ ଏସି ଏବଂ ଫ୍ୟାନ୍ ସମ୍ପୂର୍ଣ୍ଣ ଅଚଳ। ଫଳରେ ଗୁରୁତର ରୋଗୀ ଏକ ବନ୍ଦ ଗାଡ଼ି ଭିତରେ ଉତ୍ତପ୍ତ ଚୁଲି ଭଳି ପରିବେଶରେ ଯାତ୍ରା କରିବାକୁ ବାଧ ହେଉଛନ୍ତି। ଘଟଣାଟି ଘଟିଛି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରୁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ସମୟରେ। ସିକିଲସେଲ୍ ଏବଂ କିଡନୀ ରୋଗରେ ପୀଡ଼ିତା ଜଣେ ଗୁରୁତର ଝିଅକୁ ନେଇ ଯାଉଥିବା ୧୦୮ ଆମ୍ବୁଲାନ୍ସର ଏସି କାମ କରୁନଥିଲା। ଗରମ ସହି ନପାରି ଶେଷରେ ଜୀବନ ବିକଳରେ ରୋଗୀ ଜଣକ ଝରକା ପାଖରେ ବସିବାକୁ ବାଧ ହୋଇଥିଲେ। ଜଣେ ସଚେତନ ନାଗରିକ ତଥା ଅଭିଭାବକ ଆନୁଖାର ହୁସେନ ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ୧.ରାଇରଙ୍ଗପୁର ଓ ବାରିପଦାର ସମସ୍ତ ଆମ୍ବୁଲାନ୍ସର ଏସି ତୁରନ୍ତ ଯାଞ୍ଚ ଓ ମରାମତି କରାଯାଉ। ୨. ଦାୟିତ୍ୱହୀନ ଆମ୍ବୁଲାନ୍ସ ପରିଚାଳନା ସଂସ୍ଥାକୁ ତୁରନ୍ତ କାରଣ ଦର୍ଶାଅ ନୋଟିସ ଜାରି ହେଉ। ୩. ଏହି ଗ୍ରୀଷ୍ମ ଋତୁରେ ସ୍ଥାନୀୟ ପ୍ରଶାସନ ଗାଡ଼ିଗୁଡ଼ିକର ଯାନ୍ତ୍ରିକ ସ୍ଥିତି ନିୟମିତ ଭିତ୍ତିରେ ପରଖନ୍ତୁ। ଏବେ ପ୍ରଶ୍ନ ଉଠୁଛି, ରୋଗୀଙ୍କ ଜୀବନ ସହ ଏଭଳି ଖେଳ କାହିଁକି ମାନ୍ୟବର ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ସ୍ୱାସ୍ଥ୍ୟ ବିଭାଗ ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ସାଧାରଣରେ ଦାବି ହେଉଛି।

ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ସଚେତନତା

ବାରିପଦା, ୧୨।୬ (ଆନିସ): ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ମୟୂରଭଞ୍ଜ ଜିଲ୍ଲାରେ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ଏକ ୧୫ ଦିନିଆ ସଚେତନତା ଅଭିଯାନ ଆଜିଠ